

# ୩୨
# ସଂସ୍କୃତି : ଅର୍ଥ ଓ ବୈଶିଷ୍ଟ୍ୟ
# Culture : Meaning and Characteristics

ଆମେ ଅନେକ ସମୟରେ ଅନେକ ଜାଗାରେ ସଂସ୍କୃତି ଶବ୍ଦଟି ବ୍ୟବହାର କରିଥାଉଁ । ଗୋଟିଏ ସମୟରେ ଆମେ ସଂସ୍କୃତି କହିଲେ ଉଚ୍ଚ ଶ୍ରେଣୀ ଲୋକଙ୍କର ଜୀବନ ଶୈଳୀକୁ ବୁଝୁଥିଲୁ । ବେଳେବେଳେ ଆମେ କେତେକ ଲୋକଙ୍କୁ ଅସାଂସ୍କୃତିକ ବୋଲି କହିଥାଉ ଯାହାର ଅର୍ଥ ଅଭଦ୍ର ବା ଉଦ୍ଧତ । କିନ୍ତୁ ସମାଜ ଶାସ୍ତ୍ରରେ ଅସାଂସ୍କୃତିକ ଶବ୍ଦର ବ୍ୟବହାର ନାହିଁ । କାରଣ ପ୍ରତ୍ୟେକ ମଣିଷର କୌଣସି ନା କୌଣସି ଭାବରେ ସଂସ୍କୃତି ଅଛି । ସଂସ୍କୃତି ଲୋକଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖିଥାଏ ଏବଂ ଅନ୍ୟ ଲୋକଙ୍କ ଠାରୁ ଭିନ୍ନ କରିଥାଏ । ଆମ ସଂସ୍କୃତି ଆମକୁ ଭାରତୀୟ କରିଛି ଏବଂ ଆମେରିକୀୟ ଓ ଜର୍ମାନ ମାନଙ୍କଠୁ ଆମେ ଭିନ୍ନ । ଏଣୁ ସଂସ୍କୃତି ଗୋଟିଏ ଗୋଷ୍ଠୀକୁ ବା ଗୋଟିଏ ସମାଜକୁ ଭିନ୍ନ କରିଥାଏ । କେତେକ ବସ୍ତୁକୁ ନେଇ ମଧ୍ୟ ସଂସ୍କୃତିକୁ ବର୍ଣ୍ଣନା କରାଯାଇଥାଏ । ଏହାଛଡ଼ା ଏହା ଭାଷା, ଧର୍ମ, ଅର୍ଥନୀତି ଏବଂ ରାଜନୈତିକ ବ୍ୟବସ୍ଥା ମାଧ୍ୟମରେ ବର୍ଣ୍ଣନା କରାଯାଏ । ସଂସ୍କୃତି ହେଉଛି ଜୀବନର ଏକଶୈଳୀ ଯାହାକି ଦଳେ ଲୋକଙ୍କ ମଧ୍ୟରେ ସମାନ ଭାବେ ଦେଖାଦେଇଥାଏ । ଏହା ମଧ୍ୟ ବିଶ୍ୱାସ, ଦୃଷ୍ଟିଭଙ୍ଗି ବା ହାବଭାବ, ବିଚାରଶକ୍ତି ଏବଂ ବ୍ୟବହାର ପଦ୍ଧତିକୁ ଅନ୍ତର୍ଭୁକ୍ତ କରିଥାଏ । ଏହି ଅଧ୍ୟାୟରେ ତୁମେ ଏହାର ଅର୍ଥ ସଂଜ୍ଞା ଏବଂ ଲକ୍ଷଣ ଇତ୍ୟାଦି ସମ୍ବନ୍ଧରେ ପଢିବ ।

## ଉଦ୍ଦେଶ୍ୟ

ତୁମେ ଏହି ଅଧ୍ୟାୟରେ ପଢିବାକୁ ପାଇବ :

- ସଂସ୍କୃତିର ସଂଜ୍ଞା
- ସଂସ୍କୃତିର ଅର୍ଥ
- ସଂସ୍କୃତିର ଲକ୍ଷଣ ବା ବୈଶିଷ୍ଟ୍ୟ

## ୩୨.୧ ସଂସ୍କୃତିର ସଂଜ୍ଞା

ସଂସ୍କୃତି ହେଉଛି ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ । ଏହା ଲୋକମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଭାବରେ ଦେଖାଯାଏ । ଆମେ ସଂସ୍କୃତିକୁ ନିମ୍ନଲିଖିତ ଉଦାହରଣରୁ ଭଲ ଭାବେ



ବୁଝିପାରିବା । ଯେତେବେଳେ ଆମେ ଆମର ସମ୍ପର୍କୀୟଙ୍କୁ କିମ୍ବା ବନ୍ଧୁବାନ୍ଧବଙ୍କୁ ସାକ୍ଷାତ କରୁ ହାତଯୋଡ଼ି ନମସ୍କାର କରିଥାଉଁ । ବେଳେବେଳେ ଆମେ ମଧ୍ୟ ବୟସ୍କ ଲୋକଙ୍କର ଗୋଡ ଛୁଇଁଥାଉଁ ସମ୍ମାନ ଦେଖେଇବା ପାଇଁ । ଭାରତୀୟ ସଂସ୍କୃତି ହେଉଛି ଏକ ପ୍ରକାରର ସଂସ୍କୃତି । ପାଶ୍ଚାତ୍ୟ ଜଗତରେ ଅନେକ ଉପାୟରେ ସେମାନେ ସେମାନଙ୍କ ସମ୍ପର୍କୀୟଙ୍କୁ ଓ ବନ୍ଧୁମାନଙ୍କୁ ସମ୍ମାନ ଦେଖେଇଥାନ୍ତି । ଯଥା- ହାତ ମିଳେଇ, ଚୁମ୍ବନ ଦେଇ କିମ୍ବା ଅତି ଆଦରରେ କୁଣ୍ଢେଇ ପକେଇ (Hugging) ।

ସଂସ୍କୃତିର ସଂଜ୍ଞାଗୁଡିକୁ ବିଶ୍ଳେଷଣ କଲେ ସବୁଠୁ ଗ୍ରହଣୀୟ ସଂଜ୍ଞା ଆମେ ଇ.ବି. ଟେଲରଙ୍କ ଲେଖନୀରୁ ପାଇଥାଉଁ । ତାଙ୍କ ମତରେ "ସଂସ୍କୃତି ହେଉଛି ଏକ ଜଟିଳ ସମଗ୍ରତା ଯେଉଁଥିରେ ଜ୍ଞାନ, ବିକାଶ, କଳା, ନୈତିକତା, ଆଇନକାନୁନ, ପ୍ରଥା ଏବଂ ଏହିପରି ଅନ୍ୟାନ୍ୟ ଯୋଗ୍ୟତା ଏବଂ ଅଭ୍ୟାସ ଅନ୍ତର୍ଭୁକ୍ତ ଯାହାକୁ ମଣିଷ ସମାଜର ସଦସ୍ୟ ରୂପେ ଅର୍ଜନ କରିଥାଏ ।'' ଏହି ସଂଜ୍ଞାରୁ ଆମେ ଜାଣିଥାଉ ଯେ ସଂସ୍କୃତିର ଉଭୟ ଶିଖିବା ଓ ଶିକ୍ଷାଦେବା ଗୁଣ ଅଛି । ଅନ୍ୟ ଅର୍ଥରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଷ୍ଠୀରେ ଶିଖିଥାଏ ଓ ଶିକ୍ଷା ଦେଇଥାଏ ଏବଂ ଏଗୁଡିକ ସଂସ୍କୃତିରୁ ସଂସ୍କୃତିକୁ, ଗୋଷ୍ଠିରୁ ଗୋଷ୍ଠିକୁ ଏବଂ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବ୍ୟାପିଥାଏ ।

ଅବଶ୍ୟ ଏହି ସାଂସ୍କୃତିକ ପ୍ରକ୍ରିୟାଗୁଡିକ କେତେକ ଆନ୍ତର୍ଜାତିକ ମାନବିକ ବ୍ୟବହାର ଏବଂ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରିଥାଏ । ଯଥା- ଘର ତିଆରି କରିବା, ଖାଦ୍ୟ ଉତ୍ପାଦନ ପ୍ରସ୍ତୁତି, ପୋଷାକ, ଭାଷା ଇତ୍ୟାଦି । ଖାଦ୍ୟ ଉତ୍ପାଦନ ଏବଂ ତାର ପ୍ରସ୍ତୁତି, ଘର ପ୍ରସ୍ତୁତି, ଲୁଗା ପିନ୍ଧିବା ଢଙ୍ଗ, କଥା କହିବା ପ୍ରଣାଳୀ ଇତ୍ୟାଦି ସଂସ୍କୃତି ଅନ୍ୟ ସଂସ୍କୃତି ଠାରୁ ଭିନ୍ନ ହୋଇଥାଏ ।

> ସାମର୍ଥ୍ୟ ହେଉଛି, ମନୁଷ୍ୟର ପ୍ରାକୃତିକ ପରିବେଶ ଓ ମଣିଷ ମଣିଷ ମଧ୍ୟରେ ଖାପ୍ ଖୁଆଇ ଚଳିବା
>
> ସଂସ୍କୃତି (culture)= ମଣିଷ (man) x ପରିବେଶ (Environment)

### ୩୨.୧.୧ ସଂସ୍କୃତିର ଅର୍ଥ concept of culture

ଆମେ ପୂର୍ବରୁ ପଢିଛେ ଯେ ସଂସ୍କୃତି ହେଉଛି ଜୀବନଯାପନର ଶୈଳୀ ଯାହାକି ଦଳେ ଲୋକଙ୍କ ପାଖରେ ସମାନ ଭାବେ ଥାଏ । ବର୍ତ୍ତମାନ ଆମେ ସଂସ୍କୃତିକୁ ସ୍ଥାନ ଓ ସମୟ ପରିପ୍ରେକ୍ଷୀରେ ଦେଖିବା ।

**ସମୟ ଅନୁଯାୟୀ :**

ଶୀତ ଦିନରେ ଗରମବସ୍ତ୍ର ପରିଧାନ ଏବଂ ବର୍ଷା ଦିନରେ ଗୋଟିଏ ଛତା ବ୍ୟବହାର କରିବା ହେଉଛି ପରିବର୍ତ୍ତନର ଉଦାହରଣ । ଅନେକ ଦିନ ପର୍ଯ୍ୟନ୍ତ ଆମ ବ୍ୟବହାରିକ ପରିବର୍ତ୍ତନ

ସଂସ୍କୃତିକୁ ନେଇ ହୋଇଥାଏ । ଉଦାହରଣ ସ୍ୱରୂପ- ୨୦୦ ବର୍ଷ ପୂର୍ବରୁ ରେଳଗାଡିର ସୁବିଧା ନଥିଲା, ଶହେ ବର୍ଷ ପୂର୍ବରୁ ଉଡାଜାହାଜ ନଥିଲା, ୨୫ ବର୍ଷ ପୂର୍ବେ ଲୋକମାନେ କମ୍ପ୍ୟୁଟରର ବ୍ୟବହାର ଜାଣିନଥିଲେ । ଏହି ନୂଆ ଜିନିଷଗୁଡିକ ଆମ ଜୀବନ ଶୈଳୀକୁ ପୂରାପୂରି ଭାବରେ ପ୍ରଭାବ ପକାଇଅଛି, ଯାହାକି କଳ୍ପନା କରିହୁଏ ନାହିଁ । ସେହି ଦୃଷ୍ଟିରୁ ସମୟକୁ, ଲୋକଙ୍କର ସାଂସ୍କୃତିକ ପରିବର୍ତ୍ତନ ପାଇଁ ଏକ ମୁଖ୍ୟ କାରକ ରୂପେ ବିଚାର କରାଯାଏ ।

**ସ୍ଥାନ ଅନୁଯାୟୀ :**

ଆମେ ସାଧାରଣତଃ ଆମ ବନ୍ଧୁଙ୍କୁ ଅନେକ ଦିନ ପରେ ଦେଖାହେଲେ ଖୁସି ହୋଇଥାଉ । ଅବଶ୍ୟ ଯେଉଁ ହିସାବରେ ଆମେ ସ୍ୱାଗତ କରୁ ତାହା ଗୋଟିଏ ସଂସ୍କୃତିରୁ ଅନ୍ୟ ସଂସ୍କୃତି ଠାରୁ ଭିନ୍ନ ଅଟେ । ଭାରତୀୟମାନେ ଦୁଇ ହାତ ଯୋଡି, ଇଂରେଜମାନେ ହାତ ମିଳାଇ, ଟିକୋପିଆର (ପୋଲିନେସିଆର ଏକ ଛୋଟ ଦ୍ୱୀପ) ଅଧିବାସୀମାନେ ଅନ୍ୟ ଜଣକୁ ବିଧାମାରି (Fist) ସ୍ୱାଗତ କରିଥାନ୍ତି (ଯାହାକୁ ଜଣେ ବାହାର ବ୍ୟକ୍ତି ଲଢେଇ ବୋଲି ଭାବିଥାଏ); କାରଣ ମଣିଷର ବ୍ୟବହାର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନରେ ଭିନ୍ନ ହୋଇଥାଏ ।

ସଂସ୍କୃତିର ଦୁଇଟି ମୁଖ୍ୟ ଅଂଶ ଅଛି, ଯଥା-ଭୌତିକ ବା ବସ୍ତୁବାଚକ ଏବଂ ଅଭୌତିକ ବା ଅବସ୍ତୁବାଚକ ସଂସ୍କୃତି । ବସ୍ତୁବାଚକ ସଂସ୍କୃତି ମଣିଷ ଦ୍ୱାରା ନିର୍ମିତ । ଯେଉଁ ବସ୍ତୁମାନ ମୂର୍ତ୍ତ ଏବଂ ସ୍ପର୍ଶ ଯୋଗ୍ୟ ଅର୍ଥାତ୍ ଯେଉଁ ବସ୍ତୁକୁ ଅମେ ଦେଖିପାରୁ, ଛୁଇଁପାରୁ, ବ୍ୟବହାର କରିପାରୁ ଏବଂ ଯାହାର ଏକ ନିର୍ଦ୍ଦିଷ୍ଟ ଆକାରଥାଏ, ତାହାକୁ ଭୌତିକ ସଂସ୍କୃତି କୁହାଯାଏ । ଉଦାହରଣ ସ୍ୱରୂପ ରେଡିଓ, ଟିଭି, ସାଇକେଲ, କଲମ, ଖାତା, ବହି, ଟେବୁଲ, ଚଉକି ଇତ୍ୟାଦି । ଆମେ ଜାଣୁ ଯେ ପରିବେଶ ଗୋଟିଏ ସମାଜର ସଂସ୍କୃତି ପାଇଁ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ ସେଥିପାଇଁ କୁହାଯାଏ ଯେ ପରିବେଶ ସହିତ ମଣିଷର କାର୍ଯ୍ୟକଳାପ ସବୁ ହେଉଛି ସାଂସ୍କୃତିକ ।

ସଂସ୍କୃତି

| ଭୌତିକ ସଂସ୍କୃତି | ଅଭୌତିକ ସଂସ୍କୃତି |
|---|---|
| ଖାଦ୍ୟ ବସ୍ତ୍ର, ଅଳଙ୍କାର, ଘର, ଟେବୁଲ, ଚଉକି, ରେଡିଓ, ଟିଭି ଇତ୍ୟାଦି | ବିଶ୍ୱାସ, ଆଦର୍ଶ, ନୀତି, ପରମ୍ପରା ଗୀତ, ନୃତ୍ୟ, ସଙ୍ଗୀତ ବାଦ୍ୟ ଇତ୍ୟାଦି |



**ଅଭୌତିକ ସଂସ୍କୃତି :**

ଯେଉଁ ପଦାର୍ଥକୁ ଖାଲି ଆଖିରେ ଦେଖି ହୁଏ ନାହିଁ, ଛୁଇଁ ହୁଏ ନାହିଁ, ଆକାର କହି ହୁଏ ନାହିଁ; ତାହାକୁ ଅଭୌତିକ ସଂସ୍କୃତି କୁହାଯାଏ । ଯଥା : ଧର୍ମ, ପ୍ରଥା, ପରମ୍ପରା, ଆଦର୍ଶ, ନୀତି, ସାହିତ୍ୟ, ଦର୍ଶନ ଇତ୍ୟାଦି ଏହି ଶ୍ରେଣୀଭୁକ୍ତ । ଉଦାହରଣ ସ୍ୱରୂପ- ମୁସଲମାନମାନେ ବର୍ଷକୁ ଗୋଟିଏ ମାସ ଉପବାସ ରହି "ରମ୍‌ଜାନ" ପାଳନ କରିଥାନ୍ତି । ଏହି ସମୟରେ ସେମାନେ ଦିନକୁ ଥରେ ଅର୍ଥାତ୍ ସଂଧ୍ୟାରେ ଚନ୍ଦ୍ର ଦେଖିବା ପରେ ଖାଇଥାନ୍ତି । ଠିକ୍ ସେହିପରି ଓଡ଼ିଆମାନେ କାର୍ତ୍ତିକ ମାସରେ ଆମିଷ ଖାଦ୍ୟ ଖାଆନ୍ତି ନାହିଁ । ଏଠାରେ ବିଶ୍ୱାସ କରାଯାଏ ଯେ ଏହି ପବିତ୍ର ମାସରେ ନିରାମିଷ ଖାଦ୍ୟ ଖାଇବା ଯୋଗୁଁ କୌଣସି ପ୍ରକାରର ରୋଗ ହୋଇନଥାଏ ଏବଂ ଶରୀର ସୁସ୍ଥ ରହେ । ଠିକ୍ ସେହିପରି ନବରାତ୍ର ସମୟରେ ହିନ୍ଦୁମାନେ କେତେକ ଖାଦ୍ୟକୁ ବାରଣ କରିଥାନ୍ତି । ଏହାଛଡ଼ା ଚପଲ, ଯୋତା ପିନ୍ଧି ରୋଷେଇ ଘରକୁ ଯିବା ମଧ୍ୟ ବାରଣ ଅଟେ । ପୁନଶ୍ଚ ପ୍ରତ୍ୟେକ ଖାଦ୍ୟରେ ହଳଦିର ବ୍ୟବହାର ରୋଗ ପ୍ରତିଷେଧକ (Anti Septic) ବୋଲି ବିଚାର କରାଯାଏ, ଯାହାକି ସବୁ ଭାରତୀୟ ସମୁଦାୟମାନଙ୍କରେ ଦେଖାଯାଏ ।

**ପାଠଗତ ପ୍ରଶ୍ନ ୩୨.୧**

'କ' ସ୍ତମ୍ଭ ସଙ୍ଗେ 'ଖ' ସ୍ତମ୍ଭର ଶବ୍ଦକୁ ମିଶେଇ ଲେଖ

| କ | ଖ |
|---|---|
| ୧. ସଂସ୍କୃତି ହେଉଛି | ୧. ଉଭୟ ଭୌତିକ ଓ ଅଭୌତିକ ଗୁଣ |
| ୨. ଘର, ହଳ ଲଙ୍ଗଳ, ସାଇକେଲ ଇତ୍ୟାଦି ଉଦାହରଣ ହେଉଛି | ୨. ଜୀବନ ଯାପନର ଏକ ଶୈଳୀ |
| ୩. ଜ୍ଞାନ, ବିଶ୍ୱାସ, କଳା, ପ୍ରଥା, ନୈତିକତା ଇତ୍ୟାଦି ଉଦାହରଣ ହେଉଛି | ୩. ଭୌତିକ ସଂସ୍କୃତି |
| ୪. ପ୍ରତ୍ୟେକ ସଂସ୍କୃତିର | ୪. ଅଭୌତିକ ସଂସ୍କୃତି |

## ୩୨.୨ ସଂସ୍କୃତିର ଲକ୍ଷଣ (Characteristics of Culture)

ବର୍ତ୍ତମାନ ଆମେ ସଂସ୍କୃତିର ମୁଖ୍ୟ ଉପାଦାନ ବା ଲକ୍ଷଣଗୁଡ଼ିକୁ ଜାଣିବା ।

୧. ସଂସ୍କୃତି ପୃଥିବୀବ୍ୟାପୀ ସାର୍ବଜନୀନ ।



୨.  ସଂସ୍କୃତି ସ୍ଥିର ରହିବା ସଙ୍ଗେ ସଙ୍ଗେ ପରିବର୍ତ୍ତନଶୀଳ ମଧ୍ୟ ।

୩.  ସଂସ୍କୃତି ଏକ ଶିକ୍ଷଣୀୟ ବ୍ୟବହାର ।

### (କ) ସଂସ୍କୃତି ପୃଥିବୀ ବ୍ୟାପୀ ଅଥବା ସାର୍ବଜନିନ

ଗୋଟିଏ ଓଡ଼ିଆ ପରିବାର ବାଙ୍ଗାଲୋରଠାରେ ବାସ କରନ୍ତି । ଥରେ ସେମାନେ ସଂଧ୍ୟାରେ ତାଙ୍କ ଘରେ ରୁଟି ଓ ଡାଲମା ଖାଉଥିଲେ । ସେତେବେଳେ ତାଙ୍କର ଜଣେ ତେଲୁଗୁ ପଡୋଶୀ ତାଙ୍କ ଘରକୁ ଆସିଲେ । ଓଡ଼ିଆମାନେ ଭାତ ନଖାଇ ରୁଟି ଖାଇବାର ଦେଖି ସେ ଆଶ୍ଚର୍ଯ୍ୟ ହେଲେ ଏବଂ ଭାବିଲେ ଯେ ଓଡ଼ିଆମାନେ ବୋଧହୁଏ ଭାତ ଖାଇବା ଛାଡି ଦେଇଛନ୍ତି । ଓଡ଼ିଆ ଲୋକଟି ତାଙ୍କ ପ୍ରଶ୍ନର ଉତ୍ତରରେ କହିଲେ ଆମେ ଭାତ ଖାଇବା ଛାଡି ନାହୁଁ କିନ୍ତୁ ରାତିରେ ସାଧାରଣତଃ ରୁଟି ଖାଇଥାଉଁ । ଏଣୁ ଏହି ଉଦାହରଣରୁ ଆମେ ଜାଣିଲେ ଯେ ଖାଦ୍ୟ ହେଉଛି ସର୍ବବ୍ୟାପୀ ଅର୍ଥାତ୍ ପୃଥିବୀର ସବୁ ଜାଗାରେ ମିଳେ । କିନ୍ତୁ ତାକୁ କେମିତି ପ୍ରସ୍ତୁତ କରାଯାଏ, କେମିତି ଖିଆଯାଏ, କେମିତି ପରସାଯାଏ ତାହା ପ୍ରତ୍ୟେକ ସମାଜରେ ଠାରୁ ଭିନ୍ନ । ସଂସ୍କୃତି ହେଉଛି ଉଭୟ ବ୍ୟକ୍ତିଗତ ଏବଂ ସର୍ବବ୍ୟାପୀ । ମଣିଷ ହେଉଛି ଏକମାତ୍ର ସାଂସ୍କୃତିକ ପ୍ରାଣୀ । ଏଣୁ ସେ ସଂସ୍କୃତିକୁ ସର୍ବବ୍ୟାପୀ କରିପାରିଛି । ସଂସ୍କୃତି ମାଧ୍ୟମରେ ମଣିଷ ଏକ ସୁନ୍ଦର ସମାଜ ଗଠନ କରିଥାଏ । ସେମାନଙ୍କର ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଓ ପରସିବାର ପ୍ରଣାଳୀ ଭିନ୍ନ । ସମସ୍ତଙ୍କର ସାମାଜିକ ଅନୁଷ୍ଠାନ ଅଛି, ଯଥା- ପରିବାର ଓ ଜ୍ଞାତିତ୍ୱ । ସମସ୍ତଙ୍କର ରାଜନୈତିକ ନିୟନ୍ତ୍ରଣ ଅଛି ଏବଂ ଆଇନ କାନୁନ, ନ୍ୟାୟ ଦ୍ୱାର ଏହା ପରିଚାଳିତ । ସମସ୍ତଙ୍କର ଗୀତ ଅଛି, ନୃତ୍ୟ ଅଛି, କାହାଣୀ ଅଛି ଓ ବିଭିନ୍ନ ଧରଣର କଳା ଅଛି । ସମସ୍ତଙ୍କର ଭାବନା, ଚିନ୍ତା ପାଇଁ ନିଜସ୍ୱ ଭାଷା ଅଛି ।

### ପାଠଗତ ପ୍ରଶ୍ନ ୩୨.୨

ଠିକ୍ ଥିଲେ (✓) ଚିହ୍ନ ଓ ଭୁଲ ଥିଲେ X ଚିହ୍ନ ଦିଅ ।

୧.  ସଂସ୍କୃତି ସର୍ବବ୍ୟାପୀ ବା ପୃଥିବୀ ବ୍ୟାପୀ ନୁହେଁ ।

୨.  ସଂସ୍କୃତି ସ୍ଥାନ ଅନୁଯାୟୀ ହୋଇଥାଏ ।

୩.  ପ୍ରତ୍ୟେକ ସଂସ୍କୃତି ଅନ୍ୟ ସଂସ୍କୃତି ସଙ୍ଗେ ସମାନ ।

୪.  ସଂସ୍କୃତି ହେଉଛି ସର୍ବବ୍ୟାପୀ ଏବଂ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ।

### (ଖ) ସଂସ୍କୃତି ସ୍ଥାୟୀ ନୁହେଁ କିନ୍ତୁ ଏହା ମଧ୍ୟ ପରିବର୍ତ୍ତନଶୀଳ :

ସଂସ୍କୃତି ମଧ୍ୟ ସମୟାନୁଯାୟୀ ହୋଇଥାଏ । ଏହା ସମୟ ଅନୁଯାୟୀ ପରିବର୍ତ୍ତନଶୀଳ ଅଟେ । ଅନ୍ୟ ଅର୍ଥରେ ଏହା ହେଉଛି ଏକ ନିରବଚ୍ଛିନ୍ନ ପ୍ରବାହ (Continuous state of flux) ।



ସାଂସ୍କୃତିକୁ ବହି ଯାଉଥିବା ଏକ ନଦୀ ସାଙ୍ଗେ ତୁଳନା କରାଯାଇପାରେ । ଯେମିତି ନଦୀ ନିମ୍ନଗାମୀ ହୋଇ ଚାଲିଥାଏ, ସେତେବେଳେ ମଝିରେ ଆହୁରି ଅନେକ ସ୍ରୋତ ଏକ ନଦୀର ପାଣିରେ ମିଶିବାକୁ ଆରମ୍ଭ କରିଥାଏ । କିନ୍ତୁ ନଦୀଟି ଯେମିତି ପ୍ରବାହିତ ହୋଇ ଚାଲିଥାଏ ଏହାକୁ ଏକ ସଂସ୍କୃତି କୁହାଯାଏ । ନଦୀର ସ୍ରୋତ କମ୍ ବେଶୀ ହୋଇପାରେ, ବଦଳିପାରେ କିନ୍ତୁ ନଦୀଟି ତାର ଧର୍ମ ଅନୁଯାୟୀ ସଦାସର୍ବଦା ପ୍ରବାହିତ ହୋଇ ଚାଲିଥାଏ । ଏହି ନିରବଚ୍ଛିନ୍ନ ପ୍ରବାହ ସଂସ୍କୃତିକୁ ପରିବର୍ତ୍ତନଶୀଳ କରିଥାଏ । ଏକ ଉଦାହରଣରୁ ଏହାକୁ ତୁମେ ଠିକ୍ ଭାବେ ବୁଝିପାରିବ । ତୁମେ ତୁମର ଏ ବର୍ଷରେ ଗୋଟିଏ ଫଟୋ ଉଠାଅ ଏବଂ ପୂର୍ବବର୍ଷରେ ଉଠାଇଥିବା ଫଟୋଗୁଡିକ ସହିତ ତୁଳନା କର । ଏହା ନିଶ୍ଚିତ ଭାବେ ସଂସ୍କୃତି ପରିବର୍ତ୍ତନର ଏକ ପରିଚୟ ଦେବ । ଯଥା- ପୋଷାକ ପିନ୍ଧିବା ଉପରେ, ଚୁଟି କାଟିବା ଉପରେ ଇତ୍ୟାଦି ଇତ୍ୟାଦି । ଆମେ ଆମ ଦୈନନ୍ଦିନ ଜୀବନରେ ସବୁବେଳେ କିଛିନା କିଛି ପରିବର୍ତ୍ତନ ଦେଖିଥାଉଁ । ଅନେକ ବର୍ଷ ପୂର୍ବରୁ ଝିଅମାନଙ୍କୁ ଶିକ୍ଷାରୁ ବଞ୍ଚିତ କରାଯାଉଥିଲା, ବାଲ୍ୟ ବିବାହ ବ୍ୟବସ୍ଥା ପ୍ରଚଳିତ ଥିଲା ଓ ଝିଅମାନଙ୍କୁ ଘର କାମ ପାଇଁ ବାଧ୍ୟ କରାଯାଉଥିଲା । କିନ୍ତୁ ବର୍ତ୍ତମାନ ସେଗୁଡିକରେ ବିରାଟ ପରିବର୍ତ୍ତନ ଦେଖିବାକୁ ମିଳୁଛି । ଏଣୁ ଏଠାରେ ସଂସ୍କୃତିର ପରିବର୍ତ୍ତନ ଆମେ ଦେଖିବାକୁ ପାଇବା ।

ସଂସ୍କୃତି ସବୁବେଳେଳ ପରିବର୍ତ୍ତନଶୀଳ । ଆଉ ଗୋଟିଏ ଉଦାହରଣରୁ ତୁମେ ଏହାକୁ ଭଲ ଭାବେ ବୁଝିପାରିବ । ବିବାହ ଅନୁଷ୍ଠାନଟି ସବୁ ସମାଜରେ ଦେଖାଯାଇଥାଏ । କିନ୍ତୁ ବିବାହର ନୀତି ନିୟମ, ବିଧିବିଧାନ ଜାତି ଜାତି ମଧ୍ୟରେ ଏବଂ ଅଞ୍ଚଳ ଅଞ୍ଚଳ ମଧ୍ୟରେ ଭିନ୍ନ ଭିନ୍ନ ହୋଇଥାଏ ।

**ପାଠଗତ ପ୍ରଶ୍ନ ୩୨.୩**

ସଠିକ୍ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର

୧. ସଂସ୍କୃତି ହେଉଛି ଏକ ................. ବ୍ୟବହାର ।

୨. ସଂସ୍କୃତି ସ୍ଥାନ ଓ ................ ଅନୁଯାୟୀ ଦେଖାଯାଏ ।

୩. ସଂସ୍କୃତିରେ ସମୟ ସମୟରେ........................ ଆସିଥାଏ ।

୪. ସଂସ୍କୃତି ସର୍ବୋପରି .................... ଅଟେ ।

## (ଗ) ସଂସ୍କୃତି ଏକ ଶିକ୍ଷଣୀୟ ବ୍ୟବହାର (Culture is a learned behaviour)

ତୁମେ ଯେତେବେଳେ ଅନ୍ୟକୁ ସ୍ୱାଗତ ଜଣାଉଛ ବା ସମ୍ମାନ ଦେଖେଉଛ, ଦୁଇ ହାତ ଯୋଡି କରିଥାଅ । ଏହି ବ୍ୟବହାରଟି ଆମେ ଅନ୍ୟମାନଙ୍କଠୁ ଶିଖି କରିଥାଉଁ। ଯେତେବେଳେ କୌଣସି ପକ୍ଷୀ ତା'ର ବସା ତିଆରି କରେ ସେ କ'ଣ ଅନ୍ୟ ପକ୍ଷୀମାନଙ୍କଠୁ ଶିଖିଥାଏ ? ସେ



ତାର ପୂର୍ବ ପୁରୁଷଠାରୁ ଏହା ଶିକ୍ଷାଲାଭ କରିଥାଏ । ଏଣୁ ଏହାକୁ ଉତ୍ତରାଧିକାରୀ ଭାବେ ପୈତୃକ ଗୁଣ କୁହାଯାଏ । ମଣିଷ ସମାଜରେ ମଧ୍ୟ ସେମାନେ ପରିବାର ସଦସ୍ୟମାନଙ୍କ ଠାରୁ, ଅଥବା ଅନ୍ୟ ସମୁଦାୟର ଲୋକଙ୍କଠାରୁ ଶିକ୍ଷାଲାଭ କରିଥାନ୍ତି । କେହି କେବେ ଜନ୍ମରୁ ସାମାଜିକ ପ୍ରାଣୀ ହୋଇନଥାଏ । ଶିଶୁଟିକୁ ସଂସ୍କୃତି ସମ୍ବନ୍ଧରେ ଶିକ୍ଷା ଦିଆଯାଇଥାଏ । ଅର୍ଥାତ୍ କେମିତି ଖାଇବାକୁ ହେବ, କେମିତି କଥା କହିବାକୁ ହେବ, ଗୀତ ଗାଇବାକୁ ହେବ, ଅନ୍ୟକୁ କେମିତି ବ୍ୟବହାର ପ୍ରଦର୍ଶନ କରିବାକୁ ହେବ ଇତ୍ୟାଦି । ସେସବୁ ସାମାଜିକ ସଂସ୍କୃତି ମାଧ୍ୟମରେ ଶିକ୍ଷା ଦିଆଯାଏ । ତେଣୁ ସଂସ୍କୃତି ଏକ ଶିକ୍ଷଣୀୟ ପ୍ରକ୍ରିୟା ଅଟେ । ମଣିଷ ସଂସ୍କୃତି ସାମାଜରୁ ପାଇଥାଏ । ମଣିଷ ଜାତି ପାଇଁ ସଂସ୍କୃତି ନିହାତି ଆବଶ୍ୟକ ହୋଇଥାଏ । ଶିକ୍ଷା ଗୋଟିଏ ପୁରୁଷରୁ ଆଉ ଏକ ପୁରୁଷକୁ ଆସିବା ପ୍ରକ୍ରିୟାକୁ ସାଂସ୍କୃତିକ ଆହରଣ (Enculturation) କୁହାଯାଏ ।

ସଂସ୍କୃତିର ଆହରଣ, ହେଉଛି ଶିକ୍ଷାର ଏକ ପ୍ରକ୍ରିୟା ଯାହା ସ୍କୁଲ ଶିକ୍ଷା ବିନା ହୋଇଥାଏ । ଏହା ନିଜ ସଂସ୍କୃତି ପାଇଁ ଶିକ୍ଷାଦାନ କରିଥାଏ ଏବଂ ସେହି ସମାଜର ଜଣେ ସଦସ୍ୟ ହୋଇଥାଏ । ଏହା ହେଉଛି ଏକ ପ୍ରକ୍ରିୟା ଯାହାକି ଗୋଟିଏ ସମାଜ ଆଉ ଏକ ସମାଜ ମଧ୍ୟରେ ଭିନ୍ନ ହୋଇଥାଏ । ସାଂସ୍କୃତିକ ପ୍ରବାହ ହେଉଛି ଶିକ୍ଷାଦାନ ଓ ଶିକ୍ଷାଲାଭର ଏକ ଧାରାବାହିକ ପ୍ରକ୍ରିୟା । ଏହା କେବଳ ଖାଦ୍ୟ, ପୋଷାକ ଓ ଭାଷାକୁ ବୁଝାଇନଥାଏ । ବରଂ ଏହା ନ୍ୟାୟ, ପ୍ରଥା, ପରମ୍ପରା, ନୈତିକତା, ମୂଲ୍ୟବୋଧ ଇତ୍ୟାଦିକୁ ବୁଝାଇଥାଏ ।

## ପାଠଗତ ପ୍ରଶ୍ନ ୩୨.୪

ନିମ୍ନଲିଖିତ ପ୍ରଶ୍ନଗୁଡିକ ଠିକ୍ ଥିଲେ ଠିକ୍ ଲେଖିବ ଓ ଭୁଲ ଥିଲେ ସଂଶୋଧନ କର ।

୧. ସଂସ୍କୃତି ବଂଶାନୁଗତିକ ଉତ୍ତରାଧିକାରୀ ଭାବେ ଆସିଥାଏ ।

୨. ସଂସ୍କୃତି ଏକ ଶିକ୍ଷଣୀୟ ବ୍ୟବହାର ଅଟେ ।

୩. ଗୋଟିଏ ସମାଜର ସଭ୍ୟ ହେବା ପାଇଁ ଅନ୍ୟ ଜଣକର ସଂସ୍କୃତିକୁ ଶିକ୍ଷା କରିବା ।

୪. ସଂସ୍କୃତି ମଣିଷମାନଙ୍କର ଅନନ୍ୟ ସୃଷ୍ଟି ।

## ତୁମେ କ'ଣ ଶିକ୍ଷା କଲ (What you have learnt)

- ସଂସ୍କୃତି ଜୀବନର ଏକ ବିଶିଷ୍ଟ ଶୈଳୀ ଯାହାକି ଦଳେ ଲୋକଙ୍କର ବିଶେଷ ଅଂଶ ବିଶେଷ ।
- ଏହା ମଧ୍ୟ ଆମେ ଜାଣିଲେ ଯେ ସଂସ୍କୃତି ହେଉଛି ସର୍ବବ୍ୟାପୀ । ଏହା ସମୟ ଓ ସ୍ଥାନ ଅନୁଯାୟୀ ହୋଇନଥାଏ ।



- ସମୟ ଓ ସ୍ଥାନ ସଂସ୍କୃତିକୁ ପରିବର୍ତ୍ତନଶୀଳ କରିଥାଏ ।
- ଏହା ମଧ୍ୟ ଏକ ଶିକ୍ଷଣୀୟ ବ୍ୟବହାର। ମଣିଷର ବ୍ୟବହାର ତାର ସଂସ୍କୃତିରୁ ଆସିଥାଏ । ସଂସ୍କୃତି ଜୀବନ ଚଳଣି ପ୍ରକ୍ରିୟାର ଏକ ବିଶେଷ ଅଂଶ । ସଂସ୍କୃତି ବିନା ମଣିଷ ଚଳିପାରିବ ନାହିଁ । ଉଦାହରଣ- ତୁମେ ଯେତେବେଳେ କୌଣସି ଅନ୍ୟ ଦେଶ ଭ୍ରମଣରେ ଯାଉଛି ତୁମେ ଅସୁବିଧା (Uncomfortable) ଅନୁଭବ କରିଥାଅ । ଗୋଟିଏ ଅଭିଜ୍ଞତାପୂର୍ଣ୍ଣ ସଂସ୍କୃତିରୁ ଆସି ପୁରାପୁରି ଏକ ନୂଆ ସଂସ୍କୃତିରେ ଖାପ ଖୁଆଇ ଚଳିବା କଷ୍ଟକର ହୋଇଥାଏ । ଏହାର କାରଣ ହେଲା ସବୁ ସଂସ୍କୃତି ସମାନ ନୁହେଁ । ଏଗୁଡିକ ସ୍ଥାନ ଅନୁଯାୟୀ ଭିନ୍ନ ହୋଇଥାଏ ।
- ପ୍ରତ୍ୟେକ ସମାଜରେ ଏକ ସ୍ୱତନ୍ତ୍ର ସଂସ୍କୃତି ଅଛି । ତେଣୁ ଗୋଟିଏ ସମାଜର ସଂସ୍କୃତି ଅନ୍ୟ ଗୋଟିଏ ସମାଜର ସଂସ୍କୃତି ଠାରୁ ଭିନ୍ନ ହୋଇଥାଏ ।
- ଭାଷା, ପ୍ରତ୍ୟେକ ସଂସ୍କୃତିରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ପରିଶେଷରେ କହିବାକୁ ଗଲେ, ଆମ ସଂସ୍କୃତି ଆମ ଜୀବନକୁ ପୁରାପୁରି ଭାବରେ ପରିଚାଳିତ କରିଥାଏ ।

## ପଠ୍ୟାନ୍ତ ପ୍ରଶ୍ନ

୧. ତୁମେ କ'ଣ ବୁଝ ?

(କ) ସାଂସ୍କୃତିକ ପ୍ରବାହ /ସାଂସ୍କୃତିକ ଆହରଣ ?

(ଖ) ସଂସ୍କୃତି

୨. ସଂସ୍କୃତିର ସଂଜ୍ଞା ଲେଖ ଓ ଏହାର ବିଭିନ୍ନ ବୈଶିଷ୍ଟଗୁଡିକ ବର୍ଣ୍ଣନା କର ।

୩. ସଂସ୍କୃତି ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ଦିଅ ।

୪. "ସଂସ୍କୃତି ଏକ ଶିକ୍ଷଣୀୟ ବ୍ୟବହାର" ଉଦାହରଣ ଦେଇ ଏହାକୁ ବର୍ଣ୍ଣନା କର ।

## ପରିଭାଷା (Glossasry)

ସଂସ୍କୃତି (culture) - ଏହା ଜୀବନର ଏକ ପ୍ରକ୍ରିୟା ଯାହା ଦଳେ ଲୋକଙ୍କ ମଧ୍ୟରେ ସମାନ ଭାବରେ ଥାଏ । ଏହା ଉଭୟ ଭୌତିକ ଓ ଅଭୌତିକ ବସ୍ତୁକୁ ଅନ୍ତର୍ଭୁକ୍ତ କରିଥାଏ ।

ସକ୍ରିୟ ବା ଶକ୍ତିଶାଳୀ (Dynamic) - ଯାହାକି ସ୍ଥିର ନୁହେଁ ବା ଗତିଶୂନ୍ୟ ନୁହଁ । ସଂସ୍କୃତି

ପରିବର୍ତ୍ତନଶୀଳ ଯାହାକି ସମୟ ଓ ସ୍ଥାନକୁ ନେଇ ପରିଚିତ ହୋଇଥାଏ ।

ସାଂସ୍କୃତିକ ଆହରଣ (Enculturation)- ଏହା ନିଜ ସଂସ୍କୃତିକୁ ଜାଣିବାର ଏକ ପ୍ରକ୍ରିୟା ଯାହାଦ୍ୱାରା ଜଣେ ସମାଜର ସଦସ୍ୟ ହୋଇପାରିବ ।

ଧାର୍ମିକ ବାରଣ (Taboo) - ସର୍ବସମ୍ମତି ନିଷେଧ ଯାହା ଧର୍ମ ବା ନୀତି ଦୃଷ୍ଟିରୁ ନିଷେଧ କରାଯାଇଥାଏ ବା ବାରଣ କରାଯାଇଥାଏ ଏବଂ ସମାଜ ଦ୍ୱାରା ସ୍ୱୀକୃତିପ୍ରାପ୍ତ ନୁହେଁ ।

ପ୍ରବାହ ବା ପ୍ରବହଣ (Flux) - ପରିବର୍ତ୍ତନର ନିରବଚ୍ଛିନ୍ନ ପର୍ଯ୍ୟାୟ ।

ସାର୍ବଜନୀନ (Universal) - ସଂସ୍କୃତି ପୃଥିବୀର ସମସ୍ତ ମାନବ ସମାଜରେ ଦେଖାଯାଇଥାଏ ।

ଅର୍ଜିତ ବା ଲବ୍ଧ (Acquired) - ଯାହା ବଂଶାନୁକ୍ରମେ ହାସଲ ନହୋଇ ନିଜ ନିଷ୍ଠା ବଳରେ ଅର୍ଜିତ ବା ଲବ୍ଧ ହୋଇଥାଏ ।

## ପାଠଗତ ପ୍ରଶ୍ନଗୁଡିକର ଉତ୍ତର (Answer to Intext Questions)

| | | |
|---|---|---|
| ୩୨.୧ | କ | ଖ |
| | ୧ | ୧ |
| | ୨ | ୩ |
| | ୩ | ୪ |
| | ୪ | ୨ |
| ୩୨.୨ | ୧ | X |
| | ୨ | ✓ |
| | ୩ | X |
| | ୪ | ✓ |

୩୨.୩ ୧. ଶିକ୍ଷଣୀୟ ୨. ସମୟ ୩. ପରିବର୍ତ୍ତନ ୪. ପୃଥିବୀବ୍ୟାପୀ

୩୨.୪ ୧. ଠିକ୍
୨. ଠିକ୍
୩. ଠିକ୍
୪. ଠିକ୍



# ୩୩

# ଭାରତୀୟ ସାଂସ୍କୃତିକ ପରମ୍ପରା

## (Indian Cultural Heritage)

ପ୍ରଥମ ଅଧ୍ୟାୟରେ ଆମେ ସଂସ୍କୃତିର ଅର୍ଥ, ସଂଜ୍ଞା ଏବଂ ଏହାର ବିଭିନ୍ନ ଉପାଦାନଗୁଡ଼ିକୁ ଆଲୋଚନା କରିଛେ । ଏହି ଅଧ୍ୟାୟରେ ଆମ ଦେଶର ସାଂସ୍କୃତିକ ପରମ୍ପରା ସମ୍ବନ୍ଧରେ ଦର୍ଶାଯାଇଛି । ଆମର ବିଭିନ୍ନ ପ୍ରାଚୀନ ପ୍ରଥା, ପରମ୍ପରାଗୁଡ଼ିକୁ ବର୍ତ୍ତମାନର ସଂସ୍କୃତିକୁ ଜାଣିବାର ସାହାଯ୍ୟ କରିଥାଏ । ଆମର ଖାଦ୍ୟ, ପୋଷାକପତ୍ର, ଭାଷା, ସଙ୍ଗୀତ ଶାସ୍ତ୍ର, କଳା ଇତ୍ୟାଦି ସଂସ୍କୃତିର ଗୋଟିଏ ଗୋଟିଏ ଅଂଶ ଯାହାକି ଗୋଟିଏ ପୁରୁଷରୁ (Generation) ଆଉ ଏକ ପୁରୁଷକୁ ଯାଇଥାଏ । ଏହା ଭାରତୀୟ ସଂସ୍କୃତିକୁ ଗୋଟିଏ ଡୋରିରେ ବାନ୍ଧି ରଖିଥାଏ ।

### ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ତୁମେ ପଢ଼ିବାକୁ ପାଇବ

- ସାଂସ୍କୃତିକ ପରମ୍ପରାର ଅର୍ଥ
- ସଂସ୍କୃତିର ଆହରଣ କାହାକୁ କୁହାଯାଏ ?
- ସଂସ୍କୃତିର ବିଭିନ୍ନ ଦୁର୍ଲଭ ଅଂଶଗୁଡ଼ିକୁ ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ବର୍ଣ୍ଣନା ।

### ୩୩.୧ ସାଂସ୍କୃତିକ ପରମ୍ପରାର ଅର୍ଥ

ଗୋଟିଏ ଦେଶ ନିଜର ପ୍ରାଚୀନ ତଥା ବର୍ତ୍ତମାନର କୃତିତ୍ୱପୂର୍ଣ୍ଣ କାର୍ଯ୍ୟକୁ ନେଇ ପରିଚିତ ହୋଇଥାଏ । ଅତୀତରେ ସାଫଲ୍ୟ, ସମୟାନୁକ୍ରମେ ତାର ପରମ୍ପରାକୁ ବଞ୍ଚାଇ ରଖିଥାଏ । ତେଣୁ ପରମ୍ପରା ହେଉଛି ସଂସ୍କୃତିର ଏକ ମୁଖ୍ୟ ଉପାଦାନ ଯାହାକି ପରବର୍ତ୍ତୀ ପୁରୁଷକୁ (Posterity) ସାମୂହିକ ଭାବେ ଯାଇଥାଏ । କୋଣାର୍କର ସୂର୍ଯ୍ୟମନ୍ଦିର, ପ୍ରସିଦ୍ଧ କୁମ୍ଭମେଳା, ଇଜିପ୍ଟର (ମିଶର) ପିରାମିଡ୍ (Pyramids of Egypt) ଇତ୍ୟାଦି ସଂସ୍କୃତିର ଗୋଟିଏ ଲେଖାଏଁ ପରିଚୟ ସୃଷ୍ଟି କରିଛି । ଦୈନନ୍ଦିନ ଜୀବନର ବିଭିନ୍ନ ବିଧିବିଧାନ, ନୀତି ନିୟମ, ବିଶ୍ୱାସ, ବେଦ ବେଦାନ୍ତ ଇତ୍ୟାଦି ହେଉଛି ସାଂସ୍କୃତିକ ପରମ୍ପରାର ଗୋଟିଏ ଗୋଟିଏ ଉଦାହରଣ । ଆମେ ଭାରତୀୟମାନେ ହେଉଛେ ଏକ ସୁସ୍ଥ ସୁନ୍ଦର ସାଂସ୍କୃତିକ ପରମ୍ପରାର ଉତ୍ତରାଧିକାରୀ ଯାହାକି ଅନେକଦିନରୁ ଦୈନନ୍ଦିନ ଜୀବନର ବିଭିନ୍ନ କ୍ଷେତ୍ରରେ ପୂର୍ବ ପୁରୁଷମାନଙ୍କ ଦ୍ୱାରା ସୃଷ୍ଟି କରି ଆମ ପାଇଁ ଛାଡ଼ି ଦେଇଅଛନ୍ତି ।



**ଭାରତୀୟ ସାଂସ୍କୃତିକ ପରମ୍ପରା ଅତ୍ୟନ୍ତ ସମୃଦ୍ଧ ଓ ଏହା ଅତି ପ୍ରାଚୀନ ଏବଂ ଅତ୍ୟନ୍ତ ବିସ୍ତାରିତ**

ସମଗ୍ର ଇତିହାସ କାଳରେ ବିଭିନ୍ନ ସଂସ୍କୃତିର ଲୋକ ଭାରତରେ ଆସି ସ୍ଥାୟୀ ଭାବରେ କିମ୍ବା ଅସ୍ଥାୟୀ ଭାବେ ବସବାସ କରି ଏକ ପୃଥକ ଭାରତୀୟ ସଂସ୍କୃତି ସୃଷ୍ଟି କରିପାରିଛନ୍ତି । ବାସ୍ତବରେ ଭାରତୀୟ ସଂସ୍କୃତି ଅନେକ ଜୀବନଶୈଳୀର ଏକ ସମନ୍ୱୟ ଅଟେ । ପୁରୁଷ ପୁରୁଷର ସଭ୍ୟତା, ଭୌତିକ ସଂସ୍କୃତି, ଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଇତ୍ୟାଦି ଭାରତକୁ ଏକ ବିଶେଷ ପରିଚୟ ଦେଇପାରିଛି । ଏହିସବୁ ଉପାଦାନ ସମ୍ବନ୍ଧୀୟ ସଂସ୍କୃତିଗୁଡିକ ହେଲା- ଖାଦ୍ୟ, ପୋଷାକପତ୍ର, ଅଳଙ୍କାର, ସ୍ଥପତିବିଦ୍ୟା, ବିଭିନ୍ନ ଲିପି, ସାହିତ୍ୟ, ବିଜ୍ଞାନ, ଯନ୍ତ୍ର କୌଶଳ, ନୃତ୍ୟ ଓ ସଂଗୀତ, କଳା ଏବଂ ଚିତ୍ରକଳା, ମୂଲ୍ୟବୋଧ ଇତ୍ୟାଦି ।

## ୩୩.୨ ଭାରତୀୟ ପରମ୍ପରାର ସାହିତ୍ୟ (The Heritage Literature of India)

ଆମେ ଭାରତୀୟମାନେ ଏକ ବିଶିଷ୍ଟ ପୁସ୍ତିକାର ଅଧିକାରୀ ଯାହାକୁ "ବେଦ" କୁହାଯାଏ ଏବଂ ଏହା ପୃଥିବୀର ସବୁଠାରୁ ପୁରାତନ ପାରମ୍ପରିକ ସାହିତ୍ୟ ଅଟେ । ଏହା ଖ୍ରୀଷ୍ଟପୂର୍ବ ୧୫୦୦ ମସିହାରେ ଅଙ୍ଗାରସାର (Carbondated) ହୋଇଥିଲା ଯଦିଓ ଲୋକମାନ୍ୟ ବାଲଗଙ୍ଗାଧର ତିଲକ ଓ କେତେକ ଗଣିତଜ୍ଞ ଓ ଜ୍ୟୋତିଷଙ୍କ ପ୍ରମାଣ ଦେଇ ଖ୍ରୀଷ୍ଟପୂର୍ବ ୨୦୦୦ ମସିହାରେ ବେଦର ଉତ୍ପତ୍ତି ହୋଇଥିଲା ବୋଲି କହିଛନ୍ତି ।

'ବେଦ' ଶବ୍ଦଟି 'ଭିଦ୍' ଶବ୍ଦର (vid) ଆସିଅଛି, ଯାହାର ଅର୍ଥ ଜ୍ଞାନ (knowledge) । ବେଦର ବିଭିନ୍ନ ସୂଚୀଗୁଡିକ (contents) ଅନେକ ପୁରୁଷରୁ (Generation) ବାଚନିକ ଭାବେ ଆସିଥିଲା । ଏହି ପରମ୍ପରା ଯୋଗୁଁ ବେଦକୁ ମଧ୍ୟ "ଶୃତି" (Sruti) ରୂପେ ବିବେଚନା କରାଯାଏ, ଯାହାର ଅର୍ଥ, ଶୁଣିବା । ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ବେଦକୁ କେହି ରଚନା କରିନାହାନ୍ତି । ଏହାର ସୂଚୀଗୁଡିକ ଋଷିମୁନିମାନଙ୍କ ଉପରେ ପର୍ଯ୍ୟବେସିତ । ସେମାନେ, ସେମାନଙ୍କ ଆଧାତ୍ମିକତା ବଳରେ ଏ ସବୁକୁ ହାସଲ କରିପାରୁଥିଲେ । ଏଗୁଡିକ ପରବର୍ତ୍ତୀ ପୁରୁଷ ପାଖକୁ ଯିବା ପାଇଁ କେବଳ ଏକ ମାଧ୍ୟମ ଅଟେ । ସେଥିପାଇଁ ବେଦ ଶୃତି ସାଙ୍ଗେ ସମାନ ବା ସମାର୍ଥକ (synonymous) ଅଟେ ।

ବେଦ, ଚାରି ଭାଗରେ ବିଭକ୍ତ- ସେଗୁଡିକ ହେଲା ଋକ୍, ଯଜୁର, ସାମ ଏବଂ ଅଥର୍ବ । ଋକ୍‌ବେଦକୁ ପୃଥିବୀର ସବୁଠୁ ପୁରାତନ ଧର୍ମଗ୍ରନ୍ଥ ବୋଲି ବିବେଚନା କରାଯାଏ । ଏହା କେବଳ ଭାରତର ଏକ ପରମ୍ପରା ନୁହେଁ ବରଂ ସମଗ୍ର ମାନବଜାତିର ଏକ ପରମ୍ପରା ଅଟେ ।

ଋକ୍‌ବେଦ, ପ୍ରାର୍ଥନାର ହେଉଛି ଏକ ମହାନ ପୁସ୍ତକ । ଯଜୁରବେଦ, ଯାଗ, ହୋମର

ବିଧିଗୁଡ଼ିକୁ ବୁଝାଇଥାଏ । ଋକ୍‌ବେଦର ଗୋଟିଏ ଅଂଶର ପୁନରାବୃତ୍ତି ହେଉଛି ସାମ୍ ବେଦ । ଏଥିରେ ସଂଗୀତ ବିଭିନ୍ନ ହୋମ ଯଜ୍ଞର ବିଧିମାନଙ୍କରେ ପରିବେଷଣ କରାଯାଏ । ଅଥର୍ବ ବେଦ ଯେଉଁ ଜିନିଷଗୁଡ଼ିକୁ ଦର୍ଶାଇଥାଏ; ସେଗୁଡ଼ିକ ବିଜ୍ଞାନ ଭାବେ ପରିଚିତ ।

ବେଦ

ମନ୍ତ୍ର (ସଂହିତା) | ବ୍ରାହ୍ମଣ

ଆରଣ୍ୟକ | ଉପନିଷଦ

ପ୍ରତ୍ୟେକ ବେଦ ଦୁଇ ଭାଗରେ ବିଭକ୍ତ ହୋଇଛି, ଯଥା ମନ୍ତ୍ର ଏବଂ ବ୍ରାହ୍ମଣ । ମନ୍ତ୍ର ଭାଗକୁ, ସଂହିତା ବୋଲି କୁହାଯାଏ । ବ୍ରାହ୍ମଣମାନେ ହୋମ, ଯଜ୍ଞର ବିଭିନ୍ନଦିଗକୁ ଶିକ୍ଷା ଦେଇଥାନ୍ତି । ଆରଣ୍ୟକମାନେ ଧ୍ୟାନ ଉପରେ ଶିକ୍ଷାଦିଅନ୍ତି । ଉପନିଷଦ ଗ୍ରନ୍ଥ, ନିବନ୍ଧଗୁଡ଼ିକୁ ବର୍ଣ୍ଣନା କରିଥାଏ, ଯାହାକି ମଣିଷର ଜୀବନକାଳ ମଧ୍ୟରେ କିମ୍ବା ଜୀବନ ପରେ ଆସୁଥିବା ସମସ୍ୟାଗୁଡ଼ିକୁ ଦର୍ଶାଯାଇଥାଏ । ବେଦ ଶବ୍ଦଟି କେବଳ ମନ୍ତ୍ର କିମ୍ବା ସଂହିତାର ଭାଗକୁ ବୁଝାଇଥାଏ । ପ୍ରତ୍ୟେକ ସଂହିତାର ନିଜର ବ୍ରାହ୍ମଣ ଥାଆନ୍ତି । କିନ୍ତୁ ଆରଣ୍ୟକ ଏବଂ ଉପନିଷଦର ଭିନ୍ନ ଏବଂ ସ୍ୱତନ୍ତ୍ର ନାମ ରହିଅଛି । ପ୍ରତ୍ୟେକ ସଂହିତା ଅନେକ ଭାଗରେ ବିଭକ୍ତ ହୋଇଥାଏ ଏବଂ ପ୍ରତ୍ୟେକ ଭାଗକୁ "ମଣ୍ଡଳ" କୁହାଯାଏ । ଗୋଟିଏ ମଣ୍ଡଳ ପୁଣି କେତେକ "ଶକ୍ତରେ" (ସମ୍ପର୍କିତ ମନ୍ତ୍ରଗୁଡ଼ିକର ଏକ ଦଳ) ବିଭକ୍ତ ହୋଇଥାଏ ଏବଂ ଗୋଟିଏ ଶାକ୍ତ କେତେକ ମନ୍ତ୍ରକୁ ବର୍ଣ୍ଣନା କରିଥାଏ ।

ଏତଦ୍‌ବ୍ୟତୀତ ମୁଖ୍ୟ ପ୍ରସିଦ୍ଧ ବସ୍ତୁଟି ହେଲା ଭଗବତ୍‌ଗୀତା । ଏହା ହେଉଛି ମହାଭାରତର ଏକ ଅବିଚ୍ଛେଦ୍ୟ ଅଂଶ ଯାହାକି ଭଗବାନ ବିଷ୍ଣୁ, କୃଷ୍ଣ ଏବଂ ଅର୍ଜୁନଙ୍କ (ରାଜକୁମାର ସୈନ୍ୟ ରୂପରେ) ମଧ୍ୟରେ ହୋଇଥିବା କଥୋପକଥନ । ଏହି କଥୋପକଥନ ଦୁଇଜଣଙ୍କ ମଧ୍ୟରେ ଯୁଦ୍ଧ କ୍ଷେତ୍ରରେ ହୋଇଥିଲା । ଏହି ଆଲୋଚନାଟି ସାଧାରଣତଃ ଜୀବନମୃତ୍ୟୁର ସମସ୍ୟା, କର୍ତ୍ତବ୍ୟ, ଭକ୍ତି, ଜ୍ଞାନ, ଧ୍ୟାନ ଏବଂ ଏଗୁଡ଼ିକର ସମାଧାନ ଉପରେ ପର୍ଯ୍ୟବେସିତ । ମାନବଧର୍ମ ଏବଂ ସ୍ୱାର୍ଥହୀନ କର୍ତ୍ତବ୍ୟ ହେଉଛି ଏହି ଗ୍ରନ୍ଥର ମୂଳ ଲକ୍ଷ୍ୟ । ଶ୍ରୃତିର ଭିନ୍ନ ଆଉ ଗୋଟିଏ ସାହିତ୍ୟ ଦେଖାଯାଏ, ଯାହାକି ସ୍ମୃତି କୁହାଯାଏ ।

ସ୍ମୃତି ଶବ୍ଦଟି ସ୍ମୃତିର ମୌଳିକ ଶିକ୍ଷାକୁ ବର୍ଣ୍ଣନା କରିଥାଏ । ଏଗୁଡ଼ିକ ସମାଜକୁ ଚଳେଇବା ପାଇଁ କେତେକ ନିୟମ ବ୍ୟବହାର କରିଥାନ୍ତି । ଏହି ସ୍ମୃତିଙ୍କ ମଧ୍ୟରେ ମନୁସ୍ମୃତି ଅନ୍ୟତମ ।



ଅନ୍ୟମାନଙ୍କ ମଧ୍ୟରେ ପରାସର, ଯାଜ୍ଞବଲ୍କ ଓ ବଶିଷ୍ଠଙ୍କ ସ୍ମୃତି ଅନ୍ୟତମ ଯେଉଁମାନଙ୍କର ସଂଖ୍ୟା ଶହେରୁ ଅଧିକ ।

ଏହାପରେ ଆସିଲା ମହାଭାରତ ଓ ରାମାୟଣ, ଯାହାକୁ ଇତିହାସ କୁହାଯାଏ । ଏହା ଦୁଇଟି ଶାସକ ପରିବାରର ଇତିହାସ । ଯଥା- କୁରୁ ଓ ଇକ୍ଷାକୁ, ଯାହାକି ଭାରତର ଭାଗ୍ୟକୁ ନିର୍ଦ୍ଧାରଣ କରିଥିଲା । ଯଦିଓ ଏଗୁଡିକ ରାମ ଏବଂ କୁରୁବଂଶର ଇତିହାସକୁ ବର୍ଣ୍ଣନା କରିଥାନ୍ତି; ମାତ୍ର ସେମାନଙ୍କୁ ଭାରତୀୟ ସଂସ୍କୃତିର ମୂଳ ବୋଲି ସମ୍ମାନ ଦିଆଯାଏ । ତା'ପରେ ୩୬ ଗୋଟି ପୁରାଣ, ଅଠରଟି ମହାପୁରାଣ ଏବଂ ଅଠରଟି ଉପପୁରାଣ ଲେଖାଯାଇଥିଲା । ଏଗୁଡିକ ଐତିହାସିକ ଘଟଣାବଳୀକୁ ନେଇ କିମ୍ବା ମଣିଷ ମୂଲ୍ୟବୋଧ ଓ ବିଚାରଧାରାକୁ ରଚନା କରାଯାଇଥିଲା । ବୌଦ୍ଧଧର୍ମର ଯାତକ କାହାଣୀ ସୂଚାଇଦିଏ ଯେ ଗୌତମ ବୁଦ୍ଧଙ୍କର ଅନେକଥର ଆବିର୍ଭାବ ହୋଇଅଛି ।

ଆଉ ଏକ ସାହିତ୍ୟ ଦେଖିବାକୁ ମିଳେ, ଯାହାକୁ "ଅଗମା" କୁହାଯାଏ । ଏଠାରେ ନିର୍ଦ୍ଦିଷ୍ଟ ଭାବେ କୌଣସି ପନ୍ଥର ଦେବତାଙ୍କ ବା ଦେବୀଙ୍କ ସମ୍ବନ୍ଧରେ ବିସ୍ତୃତ ଭାବେ କିମ୍ବା ପୂଜକର ଆଚାର ସଂହିତା ଇତ୍ୟାଦି ଲେଖାଯାଇଥାଏ । ଏତଦ୍‌ବ୍ୟତୀତ, ପ୍ରାଚୀନ ଭାରତରେ ଛଅ ପ୍ରକାର ଦାର୍ଶନିକ ବ୍ୟବସ୍ଥା ଦେଖିବାକୁ ମିଳିଥାଏ । ସେଗୁଡିକୁ ଦର୍ଶନ ଅର୍ଥାତ୍ ସତ୍ୟ କୁହାଯାଏ । ଗୌତମଙ୍କ ନ୍ୟାୟ, କନ୍ନଡଙ୍କ ବଇସେଶିଖା, କପିଳଙ୍କ ଶଙ୍ଖ, ପତଞ୍ଜଳୀଙ୍କ ଯୋଗ, ଯଇମିନିଙ୍କ ମିମାଂସା ଓ ବଡ଼ରାୟନ ବା ବ୍ୟାସଙ୍କ ବେଦାନ୍ତ । ନ୍ୟାୟ ଏବଂ ବଇସେଶିଖା ହେଉଛନ୍ତି ସୃଷ୍ଟି ସିଦ୍ଧାନ୍ତର କିଛି ଅଂଶ । ଶଙ୍ଖ, ଆତ୍ମାକୁ ଆଲୋଚନା କରିଥାଏ । ଯୋଗ ମସ୍ତିଷ୍କ ଓ ଶରୀରକୁ ନିୟନ୍ତ୍ରଣ କରିଥାଏ । ମିମାଂସା ବୈଦିକ ବିଧିବିଧାନକୁ ସୂଚାଇଥାଏ ଏବଂ ବେଦାନ୍ତ ବେଦଉପରେ ପର୍ଯ୍ୟବେସିତ ଅଟେ ଯାହାକି ଉପନିଷଦରେ ଲିଖିତ ହୋଇଥିଲା ।


ଟେଗୋର, ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ର ଦିଆହେବ)


ଗୀତା ବ୍ୟାସଙ୍କର ବ୍ରହ୍ମସୂତ୍ର ଏବଂ ବେଦାନ୍ତ ଇତ୍ୟାଦିକୁ "ପ୍ରଥମ ତ୍ରୟ" କୁହାଯାଏ । ଯାହାର ଅର୍ଥ ତିନୋଟି ଧର୍ମଗ୍ରନ୍ଥ ବା ଧର୍ମଶାସ୍ତ୍ର ଏବଂ ଏହା ମଣିଷର ଶେଷ ସୋପାନକୁ ଦର୍ଶାଏ । ଦର୍ଶନ ଦ୍ୱାରା ହେଇଥିବା ବିଭିନ୍ନ ମୌଳିକ ସମସ୍ୟାଗୁଡିକର ସମାଧାନ ବେଦାନ୍ତ ଦ୍ୱାରା ସାଧିତ ହୋଇଥାଏ ।

ଏଗୁଡିକ ବ୍ୟତୀତ ଆହୁରି ଅନେକ ଶିକ୍ଷଣୀୟ ସୃଷ୍ଟି ଦେଖିବାକୁ ମିଳେ ଯାହାକି ହିନ୍ଦୁ ଜୀବନ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ । ସେଗୁଡିକ ହେଲା- ବିଷ୍ଣୁ ଶର୍ମାଙ୍କର ପଞ୍ଚତନ୍ତ୍ର, କାହ୍ଲନଙ୍କର ରାଜତରଙ୍ଗିନୀ, ବାଣଭଟ୍ଟଙ୍କର କାଦମ୍ବରୀ, କାଳିଦାସଙ୍କର ମେଘଦୂତ, ଚାଣକ୍ୟଙ୍କର ଅର୍ଥଶାସ୍ତ୍ର, ପାଣିନୀଙ୍କର ଅଷ୍ଟଧ୍ୟାୟୀ (ବ୍ୟାକରଣ ଉପରେ ପର୍ଯ୍ୟବେସିତ) ଏବଂ ଭରତଙ୍କର ନାଟ୍ୟ ଶାସ୍ତ୍ର ଇତ୍ୟାଦି । ବିଜ୍ଞାନ ଉପରେ ମଧ୍ୟ ଅନେକ ଗୁଡିଏ ପୁସ୍ତକ ରଚିତ ହୋଇଥିଲା । ଯଥା-ଚରକ ଓ ସୁସ୍ରୁତ ସଂହିତା, ଭେଷଜ ବା ଔଷଧ ଏବଂ ଶଲ୍ୟ ଚିକିତ୍ସା ଉପରେ ଓ ବରାହ ମିହିରଙ୍କ ରଚିତ ବ୍ରିହାତ ସଂହିତା ଗ୍ରହ ବିଜ୍ଞାନ ଉପରେ ଆଧାରିତ ।

ଅତୀତର ଇତିହାସରୁ ଜଣାଯାଏ ଯେ ମୋଗଲ୍‌ମାନେ ମଧ୍ୟ ଭାଷା ସାହିତ୍ୟର ବିକାଶ କ୍ଷେତ୍ରରେ ବିଶେଷ ଦୃଷ୍ଟି ଦେଉଥିଲେ । କେବଳ ଯେ ସମ୍ରାଟ୍‌ମାନେ ନୁହନ୍ତି, କେତେକ ରାଜ ପରିବାରର କେତେକ ମହିଳା ଯଥା-ହୁମାୟୁନ୍‌ଙ୍କ ମା ଯୁବୁନିଶା ଅଉରଙ୍ଗଜେବଙ୍କ ପ୍ରସିଦ୍ଧ କନ୍ୟା ମଧ୍ୟ କଳା, ସାହିତ୍ୟ ଓ ସ୍ଥପତି ବିଦ୍ୟାର ପୃଷ୍ଠପୋଷକ ଥିଲେ । ବାବର ଏବଂ ଜାହାଙ୍ଗିର ମଧ୍ୟ ନିଜସ୍ୱ ରଚନା କରିଥିଲେ । ଆକବରଙ୍କ ରାଜତ୍ୱ କାଳରେ ଅନେକ ସଂସ୍କାରକ, ବିଚାରକ ଓ ଗବେଷକ ଗୁଡିଏ ପ୍ରସିଦ୍ଧ ମୂଲ୍ୟବାନ ପୁସ୍ତକ ରଚନା କରିଯାଇଛନ୍ତି । ଆକବରଙ୍କ ରାଜଦରବାରରେ ଅନେକ ବିଖ୍ୟାତ କବି, ଲେଖକ ବା ଦାର୍ଶନିକ ଆଦି ଥିଲେ । ଆକବରଙ୍କ ବନ୍ଧୁ, ଦାର୍ଶନିକ, ଉପଦେଷ୍ଟା ଅବୁଲ ଫାଜଲ୍ "ଆଇନ୍-ଇ-ଆକବରୀ" (Iean-I-Akbari) ପୁସ୍ତକ ରଚନା କରିଥିଲେ । ପ୍ରସିଦ୍ଧ ରାଜକୁମାର ଦ୍ୱାରା, ଉପନିଷଦକୁ ପାର୍ସି ଭାଷାରେ ଅନୁବାଦ କରିଥିଲେ । ଏଣୁ ଏହା











ଫଳରେ ଭାରତ ଊନବିଂଶ ଶତାବ୍ଦୀର ଅର୍ଦ୍ଧଭାଗରେ ପାଶ୍ଚାତ୍ୟ ଦେଶଗୁଡିକର ସଂସ୍ପର୍ଶରେ ଆସିବା ଫଳରେ ଅନେକ ପରିବର୍ତ୍ତନ ଦେଖାଦେଇଥିଲା ।

ଏହାପରେ ପ୍ରସିଦ୍ଧ ଭାରତୀୟମାନଙ୍କ ମଧ୍ୟରେ ରାଜା ରାମମୋହନ ରାୟ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଈଶ୍ୱରଚନ୍ଦ୍ର ବିଦ୍ୟାସାଗର, ସ୍ୱାମୀ ବିବେକାନନ୍ଦ, ମହାତ୍ମା ଗାନ୍ଧି ଓ ଆହୁରି ଅନେକେ ମହାପୁରୁଷ ଭାରତୀୟ ସମାଜରେ ଥିବା ବିଭିନ୍ନ କୁପ୍ରଥା ଓ ବ୍ୟବସ୍ଥାଗୁଡିକର ସମାଧାନ କରିବା ଉଦ୍ଦେଶ୍ୟରେ ଆଗଭର ହେଲେ । ଯଥା- ବ୍ରାହ୍ମଣମାନଙ୍କ ପ୍ରାଦୁର୍ଭାବ, ଜାତିପ୍ରଥା, ବିଧବା ବିବାହ ନିଷେଧ ଇତ୍ୟାଦି ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଏହାଦ୍ୱାରା ଭାରତର ବିଭିନ୍ନ ଅଞ୍ଚଳରେ ଏକ ପ୍ରକାର ସାମାଜିକ ଓ ଧାର୍ମିକ ଚେତନା ସୃଷ୍ଟି ହେଲା । ସଂସ୍କୃତ ଭାଷାରେ ଲିଖିତ ଅନେକ ପୁସ୍ତକ ଇଂରାଜୀରେ ଓ ଅନ୍ୟାନ୍ୟ ଭାରତୀୟ ଭାଷାଗୁଡିରେ ଅନୁବାଦ କରାଗଲା । ଧୀରେ ଧୀରେ ଇଂରାଜୀ ଭାଷାରେ ପ୍ରସାର ହେବା ସଂଗେ ସଂଗେ ପାଶ୍ଚାତ୍ୟ ଜଗତର ସାହିତ୍ୟ ମଧ୍ୟ ଆମ ସମାଜରେ ସ୍ଥାନ ପାଇଲା । ବିଂଶ ଶତାବ୍ଦୀରେ କାବ୍ୟ, କାହାଣୀ, ନାଟକ ପଦ୍ୟ, ଗଦ୍ୟ ଇତ୍ୟାଦି ବହୁତ ଉଚ୍ଚ ସ୍ତରରେ ପହଞ୍ଚିଥିଲା । ଏତଦ୍‌ବ୍ୟତୀତ ଦେଶାତ୍ମବୋଧକ ଗୀତ, ଭାରତୀୟ ସାହିତ୍ୟ ଇତ୍ୟାଦିରେ ମଧ୍ୟ ଅନେକ ରୁଚି ଦେଖାଦେଲା । ରବୀନ୍ଦ୍ରନାଥ ଠାକୁର, ସୁବ୍ରମଣିୟମ ଭାରତୀ, ଦୀନ୍‌କର, ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ଆହୁରି ଅନେକେ ହେଉଛନ୍ତି ବିଂଶ ଶତାବ୍ଦୀର ଜଣେ ଜଣେ ମହାନ ବ୍ୟକ୍ତିତ୍ୱ ଓ ମହାନ୍ ଲେଖକ ତଥା ଗବେଷକ ।

### ୩୩.୩ ନୃତ୍ୟ ଏବଂ ସଂଗୀତ (Dance of Music)

ଭାରତୀୟ ସଂସ୍କୃତିରେ ନୃତ୍ୟ ଏବଂ ସଂଗୀତ, ସବୁବେଳେ ଗୋଟିଏ ଉଚ୍ଚସ୍ଥାନ ହାସଲ କରିଥାଏ । ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଭାଗରେ ମହମ୍ମଦ ଶାହା ସଂଗୀତକୁ ଆଦରି ନେଇଥିଲେ । ବୀଣା ବାଦନ କ୍ଷେତ୍ରରେ ଅଦାରଙ୍ଗ ଏବଂ ସଦାରଙ୍ଗ ବେଶ୍ ପରିଚିତ । ତାନଜୋର (ଦକ୍ଷିଣାଞ୍ଚଳ)ର ରାଜା ତୁଲିଜାଜୀ ନିଜେ ଜଣେ ବିଖ୍ୟାତ ସଂଗୀତଜ୍ଞ ଥିଲେ । ସେ "ସଂଗୀତ ସୁରମିତ୍ର" ନାମରେ ଏକ ପ୍ରସିଦ୍ଧ ପୁସ୍ତକ, ସଂଗୀତ ଉପରେ ରଚନା କରିଥିଲେ । ପୁନଶ୍ଚ ତାନଜୋର୍‌ର ତ୍ୟାଗରାଜଙ୍କ ଭକ୍ତି ସଂଗୀତ ଦକ୍ଷିଣାଞ୍ଚଳରେ ଖୁବ୍ ପ୍ରସିଦ୍ଧ । କଥାକଳି, ମଣିପୁରୀ, ଭାରତନାଟ୍ୟମ ଏବଂ ଓଡ଼ିଶୀ ସଂଗୀତଗୁଡିକୁ ଦେବୀ, ମେନକା, ଗୋପିନାଥ (ଭାରତ ନାଟ୍ୟମ), ମାଡାମ ସିମାକି (କଥାକଳି) ରାଜକୁମାର ଏବଂ ପ୍ରିୟ ଗୋପାଳ (ମଣିପୁରୀ), ପତିପତ୍ନୀ, ରଘୁନାଥ ପାଣିଗ୍ରାହୀ ଏବଂ ସଂଯୁକ୍ତା ପାଣିଗ୍ରାହୀ (ଓଡ଼ିଶୀ) ଏବଂ ପରେ ଗୁରୁ କେଳୁଚରଣ ମହାପାତ୍ର ଇତ୍ୟାଦି ନାଟ୍ୟ ଓ ସଂଗୀତ କ୍ଷେତ୍ରରେ ଖୁବ୍ ପରିଚିତ ।

ଲୋକନୃତ୍ୟ ଓ ଲୋକଗୀତରେ ଭରପୁର ହୋଇଛି ଆମ ଦେଶ ଭାରତ । ପ୍ରସିଦ୍ଧ ଲୋକ ନୃତ୍ୟଗୁଡିକ ମଧ୍ୟରେ ଭିଲ୍ ନୃତ୍ୟ, ସାନ୍ତାଳ ନୃତ୍ୟ, ନାଗ ନୃତ୍ୟ, ଗଜର ନୃତ୍ୟ (ବଙ୍ଗାଳୀ), କାଜରୀ (ବିହାର ଓ ଉତ୍ତର ପ୍ରଦେଶ), ଆଦିର ନୃତ୍ୟ (ଉତ୍ତରପ୍ରଦେଶ) ଏବଂ ଓଡ଼ିଶାର ଛଉନୃତ୍ୟଗୁଡିକ

ଅନେକ ଦିନରୁ ଭାରତୀୟମାନଙ୍କୁ ଆନନ୍ଦ ଦେଇଆସୁଛି । ଲୋକନୃତ୍ୟ ସମ୍ବନ୍ଧରେ ଭାରତରେ ଅନେକ ପୁସ୍ତକ ମଧ୍ୟ ରଚନା ହୋଇଅଛି । ପଶ୍ଚିମବଙ୍ଗର ଶାନ୍ତିନିକେତନ ଠାରେ ନୃତ୍ୟ, ଗୀତ ଓ କଳାବିଦ୍ୟାର ଅନେକଗୁଡିଏ ଅନୁଷ୍ଠାନ ରହିଅଛି । ଭାରତ ସରକାର ମଧ୍ୟ ଏଭଳି ଅନେକଗୁଡିଏ ଅନୁଷ୍ଠାନ ପ୍ରତିଷ୍ଠା କରି ପ୍ରୋତ୍ସାହନ ଯୋଗାଉଛନ୍ତି । କଳା ଓ ସଂସ୍କୃତିର ବିକାଶ ପାଇଁ ସାହିତ୍ୟ ଏକାଡେମୀ, ସଂଗୀତ ନାଟକ, ଲଳିତକଳା ଏକାଡେମୀ ଇତ୍ୟାଦି ଅନୁଷ୍ଠାନଗୁଡିକ ସ୍ଥାପନ କରିଛନ୍ତି ।



### ପାଠଗତ ପ୍ରଶ୍ନ ୩୩.୧

'କ'ସ୍ତମ୍ଭ ସାଙ୍ଗେ 'ଖ' ସ୍ତମ୍ଭର ଶବ୍ଦଗୁଡିକୁ ମିଶେଇ ଲେଖ

| କ | ଖ |
|---|---|
| ୧. ଅଦାରଙ୍ଗ ଓ ସଦାରଙ୍ଗ | ଓଡ଼ିଶୀ |
| ୨. ରଘୁନାଥ ପାଣିଗ୍ରାହୀ ଓ ସଂଯୁକ୍ତା ପାଣିଗ୍ରାହୀ | କଥାକଳି |
| ୩. ରକ୍ମଣୀ ଦେବୀ ଅରୁଣ୍ଡଲେ | ବୀଣା |
| ୪. ମାଡାମ୍ ସିମକ୍ | ଭାରତ ନାଟ୍ୟମ |

## ୩୩.୪ କଳା ଏବଂ ଚିତ୍ରବିଦ୍ୟା (Art & Painting)

ପ୍ରାଚୀନ ଭାରତର ଚିତ୍ରକଳା ସବୁ ସମୟ ପାଇଁ ସମସ୍ତଙ୍କୁ ବେଶ୍ ଆକର୍ଷିତ ହୋଇଥାଏ । ଅଜନ୍ତା ଓ ଏଲୋରା ଗୁମ୍ଫାରେ ଏବଂ ଗୋୱାଲିଅରବାଗ୍ ଠାରେ ହୋଇଥିବା ଚିତ୍ରକଳା ସମସ୍ତଙ୍କୁ ଆକର୍ଷିତ କରିଥାଏ । ଏହି ଚିତ୍ରକଳାରେ ହାତୀମାନଙ୍କର ଶୋଭାଯାତ୍ରା ଏବଂ ଜଣେ ନର୍ତ୍ତକ କେତେକ ମହିଳା ସଂଗୀତ ପ୍ରେମୀମାନଙ୍କ ସାଙ୍ଗେ ନୃତ୍ୟ କରୁଥିବାର ଦେଖାଯାଇଥାଏ । ବିହାର ରାଜ୍ୟର ମଧୁବଣୀର, ମଧୁବଣୀଚିତ୍ରକଳା ଓ ଓଡ଼ିଶାର ପଟ୍ଟଚିତ୍ରକଳାଗୁଡିକ ହେଉଛି ପ୍ରାଚୀନ କଳାଚିତ୍ର ବିଦ୍ୟାର ଗୋଟିଏ ଗୋଟିଏ ଉଦାହରଣ । ରାଜପୁତ୍ ଚିତ୍ରକଳାଗୁଡିକ ଅତ୍ୟନ୍ତ ସମ୍ବେଦନଶୀଳ (Sensitive), ମନୋହର (delicate) ଏବଂ ଶାନ୍ତ ବା ସ୍ଥିର (serene)। ଏଗୁଡିକର ଧର୍ମ ସାଙ୍ଗେ ନିବିଡ ସମ୍ପର୍କ ଥିବାର ଦେଖାଯାଏ ।



ମୋଗଲ ରାଜତ୍ୱ କାଳରେ, ମୋଗଲ ରାଜାମାନେ ନୂତନ କଳା କୌଶଳ ପ୍ରୟୋଗ କରି ପାରସ୍ୟ ଦେଶର ଓ ଭାରତର ଚିତ୍ରକଳାର ସମନ୍ୱୟ ପାଇଁ ପ୍ରୋତ୍ସାହିତ କରିବା ପାଇଁ ଉଦ୍ୟମ କରୁଥିଲେ । ଆକବରଙ୍କ ଶାସନକାଳରେ ଚିତ୍ରକଳାର ଏକ ଅଭୂତପୂର୍ବ ବିକାଶ ଘଟିଥିଲା । ସେତେବେଳର ଚିତ୍ରକଳାରେ ସ୍ଥପତିବିଦ୍ୟା, ଅଳଙ୍କାର, ବିଭିନ୍ନ ଧାତୁକାର୍ଯ୍ୟ, ଆକବରଙ୍କ ଧାର୍ମିକ ସହିଷ୍ଣୁତା ଏବଂ ହିନ୍ଦୁମାନଙ୍କ ସାଙ୍ଗେ ଥିବା ସମ୍ପର୍କ ଇତ୍ୟାଦିକୁ ସୂଚାଇଥାଏ । ଆକବର, ଯେତେବେଳେ ତାଙ୍କର ନୂଆ ରାଜଧାନୀ ଫତେପୁର ସିକ୍ରିକୁ ଆଣିଥିଲେ, ସେତେବେଳେ ଚିତ୍ରକଳା ଓ କାରୁକାର୍ଯ୍ୟ ଅତି ଚମତ୍କାର ଥିଲା । କିନ୍ତୁ କାଳକ୍ରମେ ମୋଗଲ ଶାସନର ପତନ ପରେ ଏହି ପାରମ୍ପରିକ ଚିତ୍ରକଳାଗୁଡିକ ଧୀରେ ଧୀରେ ଲୋପ ପାଇବାରେ ଲାଗିଲା ।

## ୩୩.୫ ସ୍ଥପତି ବିଦ୍ୟା (Architecture)

ପ୍ରାଚୀନ ଭାରତ ସ୍ଥପତିବିଦ୍ୟାରେ ବେଶ ସଫଳତା ହାସଲ କରିଥିଲା । ବିହାର ରାଜ୍ୟର ଦେଓଘରର ବିଷ୍ଣୁମନ୍ଦିର, କୋଣାର୍କର ସୂର୍ଯ୍ୟମନ୍ଦିର ପୁରୀର ଜଗନ୍ନାଥମନ୍ଦିର ଇତ୍ୟାଦି ଭାରତୀୟ ସ୍ଥପତିବିଦ୍ୟାର ପରିଚୟ ଦେଇଥାଏ । ବୁନ୍ଦେଲଖଣ୍ଡର ଖଜୁରାହା, ମାଉଣ୍ଟ ଆବୁର ଜୈନ ଦିଲୱାରା ମନ୍ଦିର ଏବଂ ଆହୁରି ଅନେକ ମନ୍ଦିର ଭାରତ ସ୍ଥପତିବିଦ୍ୟାର ପରିଚୟ ଦେଇଥାଏ । ଭାରତୀୟ ସ୍ଥପତିବିଦ୍ୟା କ୍ଷେତ୍ରରେ ଓଡ଼ିଶାର ମନ୍ଦିରଗୁଡିକର ଏକ ଭିନ୍ନ ପରିଚୟ ରହିଅଛି । ସେଗୁଡିକ ହେଲା ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ମୁକ୍ତେଶ୍ୱର ମନ୍ଦିର ଓ ରାଜାରାଣୀ ମନ୍ଦିର, କୋଣାର୍କର ସୂର୍ଯ୍ୟ ମନ୍ଦିର ଏବଂ ପୁରୀର ଜଗନ୍ନାଥ ମନ୍ଦିର । ଏତଦ୍‌ବ୍ୟତୀତ, ଚିତ୍ତୋରଗଡ ଦୁର୍ଗ, ଗୋୱାଲିଅର ଓ ଯୋଧପୁରର ବଡ଼ ବଡ ଦୁର୍ଗ, ହାୱାମହଲ, ଜୟପୁରର ଅମର ରାଜପ୍ରାସାଦ, ଉଦୟପୁର ଓ ଗୋୱାଲିଅରର ରାଜପ୍ରାସାଦଗୁଡିକ ଏବଂ ସହର ଭାବେ ଜୟସାଲମିର, କୋଟା ଏବଂ ଉଦୟପୁର ଇତ୍ୟାଦି ହେଉଛି ଗୋଟିଏ ଲେଖାଏଁ ଭାରତୀୟ ସ୍ଥପତିବିଦ୍ୟାର ଜ୍ୱଳନ୍ତ ଉଦାହରଣ ।

ମୋଗଲମାନଙ୍କ ଆଗମନ ପରେପରେ ସ୍ଥପତିବିଦ୍ୟା କ୍ଷେତ୍ରରେ ଆଉ ଗୋଟିଏ ନୂଆ ଅଧ୍ୟାୟ ଯୋଡି ହୋଇଗଲା । ପାର୍ସିମାନଙ୍କ ପ୍ରଭାବ ଓ ଦିଲ୍ଲୀର ସୁଲତାନମାନଙ୍କ ସହଯୋଗ ଯୋଗୁଁ ଏହି କାର୍ଯ୍ୟ ଅତି ସରଳ ହେଲା । ମୋଗଲମାନଙ୍କ ଶାସନ କାଳରେ ସ୍ଥପତିବିଦ୍ୟା ଓ ଉଚ୍ଚକୋଟିର ଥିଲା । ଫତେପୁର ସିକ୍ରିର ଗୋଲଗୁମ୍ବାଜ, ଆଗ୍ରାର ତାଜମହଲ, ଲାଲକିଲ୍ଲା, ଦିୱାନ-ଇ-ଆମ୍ ଓ ଦିୱାନ-ଇ-ଖାସ୍ ଏବଂ ଜାମା ମସ୍‌ଜିଦ୍ ଇତ୍ୟାଦି ଭାରତୀୟ ସ୍ଥପତିବିଦ୍ୟାର ପରିଚୟ ଦେଇଥାଏ । କିନ୍ତୁ ଇଂରେଜ ଶାସନ କାଳରେ ପାଶ୍ଚାତ୍ୟ ସ୍ଥପତିବିଦ୍ୟା ସାରା ଦେଶରେ ଖୁବ୍ ଖ୍ୟାତି ଲାଭ କରିଥିଲା । ବିଂଶ ଶତାବ୍ଦୀରେ ଦୁଇଟି ପୃଥକ ଅନୁଷ୍ଠାନ ଭାରତର ସ୍ଥପତି କ୍ଷେତ୍ରରେ ଆବିର୍ଭାବ ହେଲା । ଯଥା- ପୂର୍ଣ୍ଣ ଜାଗରଣ ଅନୁଷ୍ଠାନ (Revivalist school) ଏବଂ ବିକାଶଶୀଳ ଆଧୁନିକ ଅନୁଷ୍ଠାନ (progressive Modern School) ।

କଲିକତାର ଭିକ୍ଟୋରିଆ ମୋମୋରିଆଲ ଇଞ୍ଜିନିୟରମାନଙ୍କ ଦ୍ୱାରା ନିର୍ମିତ ହେଲା । ଏହାଛଡ଼ା

ଭାରତୀୟ ପାରମ୍ପରିକ ଢାଞ୍ଚାରେ ଅନେକ ଭାରତୀୟ ରାଜକୁମାର ଓ ନବାବ୍‌ମାନେ ବିଭିନ୍ନ ସ୍ଥାନରେ ସ୍ଥପତିବିଦ୍ୟାର ପରିଚୟ ଦେଲେ । ଯଥା- ଉଦୟପୁର, ଜୟପୁର, ଯୋଧପୁର, ମହୀଶୁର ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଅତି ଚିତାକର୍ଷକ ବା ଚମତ୍କାର (Magnificent) ଅଟ୍ଟାଳିକାଗୁଡ଼ିକ ଦେଖିବାକୁ ମିଳିଥାଏ । ଏହାଛଡ଼ା ହରିଦ୍ୱାର, ଉଜ୍ଜୟିନୀ, ବାରଣାସୀ ଓ ମହେଶ୍ୱରର ଗାଧୋଇବା ଘାଟଗୁଡ଼ିକ, ମଥୁରାର ବିଭିନ୍ନ ମନ୍ଦିର, ଇନ୍ଦୋରଠାରେ କାଚରେ ତିଆରି ଜୈନ ମନ୍ଦିର, ଦିଲ୍ଲୀର ବିରଳା ମନ୍ଦିର, ମଧ୍ୟପ୍ରଦେଶର ନାଗଡା ଠାରେ ଥିବା ବିଷ୍ଣୁ ମନ୍ଦିର ଇତ୍ୟାଦି ଆଧୁନିକ ଭାରତୀୟ ସ୍ଥପତିବିଦ୍ୟାର ଗୋଟିଏ ଲେଖାଏଁ ଜ୍ୱଳନ୍ତ ଉଦାହରଣ ।

## ୩୩.୬ ଭାସ୍କର୍ଯ୍ୟବିଦ୍ୟା ବା ଖୋଦନ ଶିଳ୍ପ (Sculpture)

ମଥୁରା ଏବଂ ସାରନାଥ ଅନୁଷ୍ଠାନଗୁଡ଼ିକ ଖୋଦନ ଶିଳ୍ପ ବା ଦେବାଦେବୀଙ୍କ ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ବିଶେଷ ଗୁରୁତ୍ୱ ଦେଉଥିଲେ । ବିଷ୍ଣୁ, ଶିବ, ବୁଦ୍ଧ ଏବଂ ଅନ୍ୟାନ୍ୟ ଦେବାଦେବୀଙ୍କ ମୂର୍ତ୍ତିଗୁଡ଼ିକୁ ଅତି ସୁନ୍ଦର ଭାବେ ନିର୍ମାଣ କରୁଥିଲେ । ଏହି ମୂର୍ତ୍ତିଗୁଡ଼ିକ ଓଡ଼ିଶାର ବିଭିନ୍ନ ମନ୍ଦିରମାନଙ୍କରେ (ପୁରୀ, କୋଣାର୍କ, ଭୁବନେଶ୍ୱର) ଅତି ସୁନ୍ଦର ଭାବେ ଦେଖିବାକୁ ମିଳିଥାଏ । ପ୍ରାଚୀନ ତଥା ମଧ୍ୟ ଯୁଗର ଭାରତରେ ହୋଇଥିବା ବିଭିନ୍ନ କଳା ଓ ଭାସ୍କର୍ଯ୍ୟ ଶିଳ୍ପଗୁଡ଼ିକୁ ଆଧୁନିକ ଭାରତରେ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ।

### ପାଠଗତ ପ୍ରଶ୍ନ ୩୩.୨

କେଉଁ ସ୍ଥାନରେ ଦେଖାଯାଏ

(କ) ସୂର୍ଯ୍ୟ ମନ୍ଦିର..... ।

...................................................................................................

(ଖ) ଭିକ୍ଟୋରିଆ ମେମୋରିଆଲ.... ।

...................................................................................................

(ଗ) ହାୱା ମହଲ..... ।

...................................................................................................

## ୩୩.୭ ରୀତିନୀତି ଓ ମୂଲ୍ୟବୋଧ

ପ୍ରତ୍ୟେକ ସଂସ୍କୃତିରେ କେତେକ ରୀତିନୀତି ଥାଏ ଯାହା ବ୍ୟକ୍ତିବିଶେଷକୁ କିମ୍ବା ଗୋଟିଏ ଗୋଷ୍ଠୀକୁ ବାନ୍ଧି ରଖିଥାଏ । ସାମାଜିକ ନୀତି ଏକ ପ୍ରକାରର ପଥପ୍ରଦର୍ଶକର କାର୍ଯ୍ୟ କରିଥାଏ



ଯାହାକି ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଏ । କିନ୍ତୁ ମୂଲ୍ୟବୋଧ, କେତେକ ସାଧାରଣ ନୀତି ନିୟମକୁ ବୁଝାଇଥାଏ। ଏହି ମୂଲ୍ୟବୋଧ ହେଉଛି ଏକ ବିଶ୍ୱାସ ଯାହାକି ସମସ୍ତଙ୍କର ଆବଶ୍ୟକ । ପ୍ରାଚୀନକାଳରେ ଭାରତୀୟ ମୂଲ୍ୟବୋଧ ଅତି ଉଚ୍ଚକୋଟିର ଥିଲା, ଯାହାକି ଆମେ ବିବାହ ଭଳି ଅନୁଷ୍ଠାନମାନଙ୍କରେ ଦେଖିଥାଉଁ । ଯଥା କନ୍ୟାଦାନ, ଅଗ୍ନିସ୍ଥାପନା, ହୋମ, ପାଣିଗ୍ରହଣ, ଅଗ୍ନି ପରିନୟନ, ସପ୍ତପଦୀ । ଏହି ଆନୁଷ୍ଠାନିକ ବିଧିବିଧାନ ଭାରତୀୟ ସାମାଜିକ ବ୍ୟବସ୍ଥାର ଏକ ଅକ୍ଷୁର୍ଣ୍ଣଅଂଶ ଅଟେ । ଏହା ସହିତ ଲୋକାଚାର ବା ପ୍ରତିଷ୍ଠିତ ଥିବା ବିଭିନ୍ନ ପ୍ରଥା, ପରମ୍ପରାଗୁଡିକୁ ମଧ୍ୟ ପାଳନ କରାଯାଏ । ଯଦି ଏଥିରୁ କିଛି ବିଚ୍ୟୁତି ଘଟେ ବା କୌଣସି ଆଶଙ୍କା ରହେ, ତା'ହେଲେ ସମାଜର ବୟସ୍କା ମହିଳାମାନଙ୍କର ପରାମର୍ଶ ନିଆଯାଏ ।

ସବୁ ସମାଜର ନିଜସ୍ୱ ଆନୁଷ୍ଠାନିକ ବିଧିବିଧାନ ରହିଥାଏ । ଭାରତୀୟ ସମାଜରେ ଏଗୁଡିକ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ (Rite de passage) ତଥା ପର୍ବପର୍ବାଣୀ, ତୀର୍ଥସ୍ଥାନ ଏବଂ ପ୍ରତ୍ୟେକ ଦିନ ଦେବାଦେବୀଙ୍କୁ ପୂଜା ଉପାସନା କରାଯାଇଥାଏ । ଆମ ସାମାଜିକ ସଂସ୍କୃତିର ଆଉ ଏକ ଉଦାହରଣ ହେଲା, ବିନା ନିମନ୍ତ୍ରଣରେ ଲକ୍ଷ ଲକ୍ଷ ଲୋକ ହରିଦ୍ୱାର ଏବଂ ଆଲ୍‌ହାବାଦଠାରେ ହେଉଥିବା କୁମ୍ଭମେଳାରେ ଯୋଗଦାନ କରିଥାନ୍ତି ଯାହାକି ଧାର୍ମିକ ମୂଲ୍ୟବୋଧର ପରିଚୟ ଦେଇଥାଏ ।

## ୩୩.୮ ବିଜ୍ଞାନ ଓ ପ୍ରାଦ୍ୟୋଗିକ ବିଦ୍ୟା ବା ପ୍ରଯୁକ୍ତିବିଦ୍ୟା (Science and Technology)

ପ୍ରାଚୀନ ଭାରତରେ ବେଦ ଶିକ୍ଷା ସହିତ ଗ୍ରହବିଜ୍ଞାନ (Astronomy), ବୀଜଗଣିତ, ଗଣିତ ଶିକ୍ଷା, ଭେଷଜ ଓ ଶଲ୍ୟ ଚିକିତ୍ସା (ଆୟୁର୍ବେଦ) (medicine and surgery), କୃଷି ସାମରିକ ବିଜ୍ଞାନ (ଧନୁର୍ବିଦ୍ୟା) ଇତ୍ୟାଦି ଶିକ୍ଷା ମଧ୍ୟ ଦିଆଯାଉଥିଲା । ବଳିଦାନ, ହୋମ, ଯଜ୍ଞ ମଧ୍ୟ ବୈଦିକ ରୀତିନୀତି ଅନୁଯାୟୀ ଚଳିବା ପାଇଁ କୁହାଯାଉଥିଲା । ପୁରୋହିତମାନେ, ଗଣିତ ସମ୍ବନ୍ଧୀୟ ବିଭିନ୍ନ ପଦ୍ଧତିଗୁଡିକ ପାଇଁ ଆଇନ୍ ପ୍ରଣୟନ କରିଥିଲେ (ଯଥା-ବର୍ଗାକାର, ଆୟତନ, ପ୍ରସ୍ଥ, ଦୀର୍ଘତମ ଇତ୍ୟାଦି) ବୋଦ୍ଧାୟନ ଜଣେ ଗାଣିତିଜ୍ଞ ଥିଲେ । ଭିରଦ୍ଧଗରଗା, ଲଗ୍‌ଧା ଆର୍ଯ୍ୟଭଟ୍ଟ, ଇତ୍ୟାଦି ଜ୍ୟୋତିଷମାନେ ବିଜ୍ଞାନର ପ୍ରଭାବକୁ ଭାରତରେ ଦେଖାଇଥିଲେ । ଆର୍ଯ୍ୟଭଟ୍ଟ ଦୁଇଟି ବିଖ୍ୟାତ୍ ବିଜ୍ଞାନ ସମ୍ମତ ପୁସ୍ତକ ରଚନା କରିଥିଲେ । ଯଥା "ଆର୍ଯ୍ୟଭଟ୍ଟିୟା" ଏବଂ "ସୂର୍ଯ୍ୟ ସିଦ୍ଧାନ୍ତ" । ସେ ହେଉଛନ୍ତି ପ୍ରଥମ ବ୍ୟକ୍ତି ଯେ କି ପୃଥିବୀ ଗୋଲ ଏବଂ ଏହା ସୂର୍ଯ୍ୟର ଚାରିପଟେ ବୁଲିଥାଏ ବୋଲି ସ୍ପଷ୍ଟ ଭାବେ ପ୍ରକାଶ କରିଥିଲେ । ସେ ମଧ୍ୟ ତାରାମାନଙ୍କର ଗତି ବା ଚଳନଭଙ୍ଗୀ (movement) ଏବଂ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଉପରେ ବ୍ୟାଖ୍ୟା କରିଥିଲେ । ଆର୍ଯ୍ୟଟ୍ଟିୟା ପୁସ୍ତକଟି ବୀଜଗଣିତ, ଜ୍ୟାମିତି, ଗଣିତ, ତ୍ରିକୋଣ ଜ୍ୟାମିତି ଇତ୍ୟାଦି ସମ୍ବନ୍ଧରେ ଆଲୋଚନା କରିଥିଲେ ।

ବରାହ ମିହିର ହେଉଛନ୍ତି ସେ ଯୁଗର ଆଉ ଜଣେ ବିଖ୍ୟାତ୍ ବୈଜ୍ଞାନିକ । ସେ ହେଉଛନ୍ତି



ପ୍ରସିଦ୍ଧ "ବୃହତ୍ ସଂହିତାର" ଲେଖକ । ଏହାଛଡ଼ା ଜ୍ୟୋତିଷ ବିଦ୍ୟା ଏବଂ ଗଣିତ ବିଦ୍ୟାଛଡ଼ା ଭେଷଜ ବା ଚିକିତ୍ସା ବିଜ୍ଞାନ ମଧ୍ୟ ଗୁପ୍ତ ଯୁଗରେ ବେଶ ଖ୍ୟାତି ଅର୍ଜନ କରିଥିଲା । ବ୍ରିଦ୍ଧ-ବାଗାଭଟ୍ଟ ବୋଧହୁଏ ଏ ଯୁଗର ବିଖ୍ୟାତ୍ ଚିକିତ୍ସକ ଥିଲେ । ସେତେବେଳର ଚିକିତ୍ସା ପଦ୍ଧତି କେବଳ ଚରକଙ୍କ ଉପରେ ପର୍ଯ୍ୟବେସିତ ଥିଲା । ଏଣୁ ତାଙ୍କୁ ପ୍ରାଚୀନ ଚିକିତ୍ସା ବା ଭେଷଜ ବିଦ୍ୟାର ଜନକ ବୋଲି କୁହାଯାଉଥିଲା । ଆୟୁର୍ବେଦ ଚିକିତ୍ସା କ୍ଷେତ୍ରରେ ଧନ୍ୱନ୍ତରୀ ନାମ ବେଶ ପରିଚିତ । ବ୍ରହ୍ମଗୁପ୍ତ ହେଉଛନ୍ତି ସେ ଯୁଗର ଆଉ ଜଣେ ବିଖ୍ୟାତ ଗାଣିତଜ୍ଞ; ଯେ କି ଶୂନ୍ (0 Zero)ର ମୂଲ୍ୟାଙ୍କନ କରିଥିଲେ ଏବଂ ଡେସିମିଲ୍ ବ୍ୟବସ୍ଥାର ପ୍ରତିଷ୍ଠାତା ଥିଲେ ।

ଯଦିଓ ଭାରତ ପ୍ରାଚୀନକାଳରେ ବିଜ୍ଞାନ କ୍ଷେତ୍ରରେ ଅନେକ ଅଗ୍ରଗତି କରିଥିଲା; ଏହା ମଧ୍ୟଯୁଗରେ ସେତେଟା ହୋଇପାରିନଥିଲା । କିନ୍ତୁ ପାଶ୍ଚାତ୍ୟଜଗତ ସଙ୍ଗେ ସମ୍ପର୍କ ଏବଂ ଭାରତୀୟ ପୁର୍ନଜାଗରଣ (Renaissance) ଭାରତୀୟ ଜନସାଧାରଣଙ୍କୁ ଜଣାଇଦେଲା ଯେ ପାଶ୍ଚାତ୍ୟ ଜଗତର ବିଜ୍ଞାନ ଉଦ୍ଭାବନ ଓ ନୂଆ ନୂଆ ବୈଜ୍ଞାନିକ ପଦାର୍ଥର ଆବିଷ୍କାରଗୁଡିକ ଭାରତୀୟ ପ୍ରଗତି କ୍ଷେତ୍ରରେ ବିଶେଷ ସାହାଯ୍ୟ କରିଥିଲା । ୧୮୯୭ ମସିହାରେ ସାର୍ ଜଗଦିଶ ଚନ୍ଦ୍ର ବୋଷ ଉଦ୍ଭିଦ ବିଜ୍ଞାନକୁ ଆବିଷ୍କାର କରିଥିଲେ ଏବଂ ପୃଥିବୀକୁ ଛୋଟ ତାରବିହୀନ ତରଙ୍ଗ (short wave wireless) ସମ୍ବନ୍ଧରେ ଜଣାଇଥିଲେ । ପ୍ରଫୁଲ୍ଲଚନ୍ଦ୍ର ରାୟ ୧୯୦୨ ମସିହାରେ ହିନ୍ଦୁ ରସାୟନ ଶାସ୍ତ୍ର (Hindu chemistry) ନାମରେ ପୁସ୍ତକ ରଚନା କରିଥିଲେ । ୧୯୧୧ ମସିହାରେ ବାଙ୍ଗାଲୋରରେ ରସାୟନ ବିଦ୍ୟା ଓ ପଦାର୍ଥବିଦ୍ୟାର ଗବେଷଣା ପାଇଁ ଟାଟା କମ୍ପାନୀ ଦ୍ୱାରା ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ପ୍ରତିଷ୍ଠା କରାଯାଇଥିଲା । ବିଜ୍ଞାନର ବିକାଶ ଓ ଗବେଷଣା ପାଇଁ ୧୯୧୪ ମସିହାରେ ଇଣ୍ଡିଆନ୍ ସାଇନ୍ସ କଂଗ୍ରେସ ଆରମ୍ଭ ହେଲା ଏବଂ ସେହି ଦିନଠାରୁ ଏହା ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଚାଲିଅଛି ଓ ଭାରତୀୟମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରି ଚାଲିଛନ୍ତି । ୧୯୧୮ ମସିହାରେ ଶ୍ରୀନିବାସ୍ ରାମାନୁଜମ୍ ଗଣିତ ଶାସ୍ତ୍ରରେ; ସାର୍ ଜଗଦୀଶ ଚନ୍ଦ୍ର ବୋଷ ଉଦ୍ଭିଦ ବିଜ୍ଞାନ କ୍ଷେତ୍ରରେ ବିଶେଷ ଅବଦାନ କରିଥିଲେ । ୧୯୩୦ ମସିହାରେ ସି.ଭି. ରମଣଙ୍କୁ ନୋବେଲ ପୁରସ୍କାର ଦିଆଯାଇଥିଲା । ତା'ପରେ ପଦାର୍ଥ ବିଜ୍ଞାନରେ ଅଧିକ ଗବେଷଣା ପାଇଁ ବାଙ୍ଗାଲୋରରେ ସେ ରମନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ପ୍ରତିଷ୍ଠା କରିଥିଲେ । ୧୯୩୦ ମସିହାରେ ଆହ୍ଲାବାଦ ଠାରେ ଆହୁରି ଅଧିକ ଗବେଷଣା ପାଇଁ ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସ ପ୍ରତିଷ୍ଠା ହୋଇଥିଲା ।

ରାଜନୈତିକ ସ୍ୱାଧୀନତା ହାସଲ ପରେ, ଭାରତ ସରକାର ବୈଜ୍ଞାନିକ ଆବିଷ୍କାରଗୁଡିକୁ ପ୍ରୋତ୍ସାହନ ଦେବା ପାଇଁ ଗୋଟିଏ ପୃଥକ୍ ବିଭାଗ ଖୋଲି ଏହାର ଉପଦେଷ୍ଟାମଣ୍ଡଳୀ ଗଠନ କଲେ । ଧୀରେ ଧୀରେ ଲୋକେ ବୈଜ୍ଞାନିକ ଜ୍ଞାନକୌଶଳ ଓ ନୂଆ ନୂଆ ଉଦ୍ଭାବନ ପାଇଁ ଇଚ୍ଛା ପ୍ରକାଶ କଲେ । ଯାହା ଫଳରେ ଦେଶରେ ଅନେକଗୁଡିଏ ବିଜ୍ଞାନ ସମ୍ବନ୍ଧୀୟ ଅନୁଷ୍ଠାନଗୁଡିକ ଖୋଲାଗଲା । ଏଗୁଡିକ ମଧ୍ୟରେ ଦିଲ୍ଲୀରେ National Physical Laboratory, ପୁନେରେ



National Chemical Laboratory, ଜାମସେଦପୁର ଠାରେ National Metallurgical Laboratory, ଝରିଆ କୋଲ୍ ଫିଲ୍ଡ ଠାରେ Fuel Research Institute, କୋଲକାତା ଠାରେ Central Glass and Cermic Research Institute ଏବଂ Institute of Radio-Physics and Electronics ଇତ୍ୟାଦି ଗଠନ କରାଗଲା । ଏହା ବ୍ୟତୀତ ୧୯୧୬ ମସିହାରେ Geological Survery of India ଏବଂ Botanical Survey of India ମଧ୍ୟ ପ୍ରତିଷ୍ଠା କରାଗଲା । ଏଗୁଡିକ ନିଜ ନିଜ କ୍ଷେତ୍ରରେ ଦେଶର ଉଲ୍ଲେଖନୀୟ କାର୍ଯ୍ୟ କରି ଚାଲିଛନ୍ତି ।

ଏହାଛଡ଼ା ଡା. ରାଜାରମନ୍ନା ଭଳି ବିଖ୍ୟାତ ପରମାଣୁ ବୈଜ୍ଞାନିକ ଆମେ ପାଇଛେ ଯାହାଙ୍କୁ ଭାରତୀୟ ପରମାଣୁ ବିଜ୍ଞାନର ପିତା କୁହାଯାଏ । ମହାକାଶ ବୈଜ୍ଞାନିକ ଭାବରେ ପୂର୍ବତନ ରାଷ୍ଟ୍ରପତି Dr. A.P.J. ଅବଦୁଲ କାଲାମ୍, କଳ୍ପନା ଚାଓ୍ୱଲାଙ୍କ ନାମ ବେଶ ସୁପରିଚିତ । (Dr. A.P.J. ଅବଦୁଲ କାଲାମ୍‌ଙ୍କ ଭଳି ବିଖ୍ୟାତ ବୈଜ୍ଞାନିକଙ୍କୁ ଭାରତ ରାଷ୍ଟ୍ରପତି ଭାବେ ପାଇ ଆମେ ଯେତିକି ଖୁସି, କଳ୍ପନା ଚାଓ୍ୱଲାଙ୍କୁ ପ୍ରଥମ ଭାରତୀୟ ମହିଳା ଯେକି ଅନ୍ତରୀକ୍ଷକୁ ଯାଇଥିଲେ, ତାଙ୍କୁ ହରାଇ ଆମେ ସେତିକି ଦୁଃଖି)

## ପାଠଗତ ପ୍ରଶ୍ନ ୩୩.୩

ଶୂନ୍ୟସ୍ଥାନ ପୂରଣ କର

(କ) ......................... ପ୍ରାଚୀନ ଭାରତର ଜଣେ ବିଖ୍ୟାତ ଗାଣିତଜ୍ଞ ଥିଲେ ।

(ଖ) "ଆର୍ଯ୍ୟଭଟ୍ଟିୟା" ଓ "ସୂର୍ଯ୍ୟ ସିଦ୍ଧାନ୍ତ" ପୁସ୍ତକ ଦୁଇଟିର ରଚୟିତା ହେଉଛନ୍ତି.............. ।

(ଗ) ପଦାର୍ଥ ବିଜ୍ଞାନରେ ...................... ନୋବେଲ ପୁରସ୍କାର ପାଇଥିଲେ ।

(ଘ) ................. ବାଙ୍ଗାଲୋର ଠାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ପ୍ରତିଷ୍ଠା କରିଥିଲେ ।

## ତୁମେ କ'ଣ ଶିକ୍ଷା କଲ

- ଭାରତରେ ଏକ ସୁସ୍ଥ ଓ ସୁନ୍ଦର ସାଂସ୍କୃତିକ ପରମ୍ପରା ଅଛି ।
- ଏହି ଅଧ୍ୟାୟରେ ଦ୍ୱିତୀୟ ଭାଗରେ ସାଂସ୍କୃତିକ ଶବ୍ଦ ଯଥା ସାହିତ୍ୟ, ସ୍ଥପତିବିଦ୍ୟା, ଖୋଦନ ଶିଳ୍ପ, କଳା, ଭାସ୍କର୍ଯ୍ୟବିଦ୍ୟା, ସଂଗୀତ, ନୃତ୍ୟ ଇତ୍ୟାଦି ସହିତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଗୁଡିକ ଭାରତୀୟ ସାଂସ୍କୃତିକ ପରମ୍ପରାକୁ ବୁଝିବା ପାଇଁ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଅଛି ।
- ଭାରତୀୟ ସଂସ୍କୃତି ଆର୍ଯ୍ୟ, ଦ୍ରାବିଡୀୟ, ପାର୍ସି, ଗ୍ରୀକ୍, ଚୀନା, ମୁସଲମାନ ଏବଂ ଅନ୍ୟାନ୍ୟ

ସଂସ୍କୃତିଗୁଡ଼ିକୁ ନେଇ ଗଠିତ ।

- ବର୍ତ୍ତମାନ ଆମେ ଏପରି ଏକ ମାନବ ସଂସ୍କୃତି ପ୍ରସ୍ତୁତ କରିବା ଯାହାକି ପ୍ରାଚୀନ ଓ ଆଧୁନିକ ଭାରତୀୟ ସଂସ୍କୃତିକୁ ଏକତ୍ର କରୁଥିବା ସହିତ ପୂର୍ବ ଓ ପଶ୍ଚିମ ଜଗତର ଏକ ସମନ୍ୱୟ ରକ୍ଷା କରିପାରୁଥିବ ।
- ଆମକୁ ଆଉଏକ ନୂଆ ସମନ୍ୱୟ ହାସଲ କରିବାକୁ ପଡିବ ଯେଉଁଠି ଆମ ଦେଶର ପ୍ରାଚୀନ ସାଂସ୍କୃତିକ ପରମ୍ପରାକୁ ପୁନର୍ମିଳିତ କରିବା ସଙ୍ଗେ ସମୃଦ୍ଧ କରିପାରୁଥିବ ।
- ଗୋଟିଏ ସମୃଦ୍ଧ ପରମ୍ପରାଠାରୁ ଆଉ କୌଣସି ପଦାର୍ଥ ଗୌରବଜନକ ଓ ପ୍ରଶଂସନୀୟ ନୁହେଁ ।
- ଗୋଟିଏ ଦେଶ, କେବଳ ଏହାର ପୂର୍ବ ପୁରୁଷଙ୍କୁ ଅନୁସରଣ କରି ବିକାଶ କରିପାରିବ ନାହିଁ । ଗୋଟିଏ ଦେଶକୁ ସୃଜନଶକ୍ତି ସମ୍ପନ୍ନ ଉଦ୍ଭାବକ ଓ ଶକ୍ତି ସମ୍ପନ୍ନ କରିବା ପାଇଁ ଏକ ସୁସ୍ଥ ସମୃଦ୍ଧ ପରମ୍ପରା ମଧ୍ୟ ଲୋଡ଼ା ହୋଇଥାଏ ।

## ପାଠ୍ୟାନ୍ତ ପ୍ରଶ୍ନ

୧. ଭାରତୀୟ ସାଂସ୍କୃତିକ ପରମ୍ପରା ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ଦିଅ ।

୨. ଭାରତୀୟ ସାଂସ୍କୃତିକ ପରମ୍ପରାକୁ ଜାଣିବା ପାଇଁ ଆମେ ସଂସ୍କୃତିର ଯେକୌଣସି ଦୁଇଟି ଲକ୍ଷଣ ଦର୍ଶାଅ ।

୩. ସଂକ୍ଷେପରେ ଲେଖ

(କ) ରୀତିନୀତି ଏବଂ ମୂଲ୍ୟବୋଧ

(ଖ) କଳା ଏବଂ ଚିତ୍ରବିଦ୍ୟା

୪. ଭାରତୀୟ ବୈଜ୍ଞାନିକମାନଙ୍କର ଅବଦାନ ସମ୍ବନ୍ଧରେ ସଂକ୍ଷେପରେ ଲେଖ ।

## ପରିଭାଷା (Glossary)

(କ) ସ୍ଥପତିବିଦ୍ୟା (Architecture)- କୋଠାବାଡ଼ିର ସିଧାସଳଖ ଭାବେ ନକ୍ସା ପ୍ରସ୍ତୁତି କରିବାର କଳା ବା ବିଦ୍ୟା ।

(ଖ) ଭାସ୍କର୍ଯ୍ୟ ବିଦ୍ୟା ବା ଖୋଦନ କଳା (sculpture)- କାଠ, ମାର୍ବଲ୍, ମାଟି (clay) ଇତ୍ୟାଦିକୁ ଖୋଦିତ କରି ନକ୍ସା ବା ଚିତ୍ର କରିବାର କଳା ।

(ଗ) ପରମ୍ପରା (Heritage)- ପୂର୍ବପୁରୁଷରୁ ଉତ୍ତରାଧିକାରୀ ଭାବେ ଗ୍ରହଣ କରିଥିବା ବିଭିନ୍ନ ବସ୍ତୁ ।

(ଘ) ଲୋକନୀତି/ପ୍ରତିମାନ (Norms)- ଦଳେ ଲୋକ ଏକ ଗୋଷ୍ଠୀ ବା ସମୁଦାୟ ପାଇଁ ଏହା ଏକ ସାଧାରଣ ଆଦର୍ଶର ମାନଦଣ୍ଡ (Model) ବା ଦୃଷ୍ଟାନ୍ତ (Pattern) ।

(ଙ) ଗ୍ରହ ବିଜ୍ଞାନ (Astronomy)- ଏହା ସୌରଜଗତର ବୈଜ୍ଞାନିକ ପଦ୍ଧତିରେ ଏକ ଅଧ୍ୟୟନ ।

(ଚ) ଗ୍ରନ୍ଥ ପୁସ୍ତକ (Treatise)- କୌଣସି ବିଷୟରେ ବୈଜ୍ଞାନିକ ପଦ୍ଧତିର ଲିଖିତ ଏକ ପୁସ୍ତକ ।

## ପାଠଗତ ପ୍ରଶ୍ନଗୁଡ଼ିକର ଉତ୍ତର

**୩୩.୧**

୧. ଅଦାରଙ୍ଗ ଓ ସଦାରଙ୍ଗ- ବୀଣା

୨. ରଘୁନାଥ ପାଣିଗ୍ରାହୀ ଓ ସଂଯୁକ୍ତା ପାଣିଗ୍ରାହୀ- ଓଡ଼ିଶୀ

୩. ରକ୍ମଣୀ ଦେବୀ- ଭାରତ ନାଟ୍ୟମ

୪. ମାଡାମ ସିମ୍‌କ- କଥାକଳୀ

**୩୩.୨**

(କ) କୋଣାର୍କ

(ଖ) କୋଲକାତା

(ଗ) ଜୟପୁର

(ଘ) ଆଗ୍ରା

**୩୩.୩**

(କ) ବୌଦ୍ଧୟନ

(ଖ) ଆର୍ଯ୍ୟଭଟ୍ଟ

(ଗ) ସି.ଭି. ରମନ

(ଘ) ଟାଟା



# ୩୪
# ସାଂସ୍କୃତିକ ବହୁବାଦ (Cultural Pluralism)

ଆମେ ପୂର୍ବରୁ ସଂସ୍କୃତିର ଅର୍ଥ, ସଂଜ୍ଞା ଏବଂ ବୈଶିଷ୍ଟ୍ୟ ସମ୍ବନ୍ଧରେ ଆଲୋଚନା କରିସାରିଛେ । ଆମେ ଭାରତୀୟ ସଂସ୍କୃତିର ପ୍ରାଚୀନ, ମଧ୍ୟଯୁଗ ଓ ଆଧୁନିକ ଯୁଗର ବୈଶିଷ୍ଟ୍ୟ ସମ୍ବନ୍ଧରେ ମଧ୍ୟ ଜାଣିଛେ । ଏହି ଅଧ୍ୟାୟରେ ଆମେ ସାଂସ୍କୃତିକ ବହୁବାଦ (cultural pluralism) ସାଂସ୍କୃତିକ ଆପେକ୍ଷିକତା (Cultural Relativism) ଓ ସାଂସ୍କୃତିକ ବିଳମ୍ବନ (cultural Lag) ଇତ୍ୟାଦି ସମ୍ବନ୍ଧରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ତୁମେ ଜାଣିବାକୁ ପାଇବ

- ସାଂସ୍କୃତିକ ବିଭିନ୍ନତାର ଅର୍ଥ
- ସାଂସ୍କୃତିକ ସମ୍ବନ୍ଧବାଦ ଅର୍ଥ
- ସାଂସ୍କୃତିକ ବିଳମ୍ବନର ଅର୍ଥ ଓ ଏଥିପାଇଁ ଦାୟୀ ବିଭିନ୍ନ କାରକ

## ୩୪.୧ ସାଂସ୍କୃତିକ ବହୁବାଦର ଅର୍ଥ

ଆମେ ଯେତେବେଳେ ସାଂସ୍କୃତିକ ବିଭିନ୍ନତାକୁ ଆଲୋଚନା କରିବାକୁ ଯାଉଛେ, ପ୍ରଥମେ ବିଭିନ୍ନତା କ'ଣ ତା ବିଷୟରେ ଜାଣିନେବା । ବିଭିନ୍ନତାର ଅର୍ଥ ବହୁତ ବା ଅନେକ । ଯେତେବେଳେ ଦୁଇ ବା ତାଠାରୁ ଅଧିକ ସାଂସ୍କୃତିକ ଗୋଷ୍ଠି ଗୋଟିଏ ଭୌଗୋଳିକ ଅଞ୍ଚଳରେ ବସବାସ କରନ୍ତି ଏବଂ କେତେକ ସାଧାରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥାନ୍ତି, ସାଂସ୍କୃତିକ ବୈଶିଷ୍ଟ୍ୟଗୁଡିକର ଆଦାନ ପ୍ରଦାନ କରିଥାନ୍ତି, କିନ୍ତୁ ସେମାନଙ୍କର ନିଜସ୍ୱ ସାଂସ୍କୃତିକ ମହତ୍ତ୍ୱକୁ ବଜାୟ ରଖିଥାନ୍ତି । ଏହା ହେଉଛି ଅନେକ ଅସମତା ବା କାର୍ଯ୍ୟଗୁଡିକର ସମବିଦ୍ୟମାନତା (Co-existence)। ଅନ୍ୟ ଅର୍ଥରେ ସାଂସ୍କୃତିକ ବହୁଳତା ହେଉଛି ଏକ ବ୍ୟବସ୍ଥା ଯେଉଁଠି ବିଭିନ୍ନ ସାଂସ୍କୃତିକ ଗୋଷ୍ଠୀ ସମାନ ଭାବରେ ଗୋଟିଏ ସାଧାରଣ ସାଂସ୍କୃତିକ ମଞ୍ଚରେ ଆସି ନିଜ ନିଜର ପରିଚୟ ପ୍ରଦାନ କରିଥାନ୍ତି । ଆମ ଦେଶ ଭାରତ ୨୮ଟି ରାଜ୍ୟ ଓ ୭ଟି କେନ୍ଦ୍ରଶାସିତ ଅଞ୍ଚଳକୁ ନେଇ ଗଠିତ । ଉତ୍ତର ଦିଗରେ ଏହ କାଶ୍ମୀରଠାରୁ ଦକ୍ଷିଣରେ କନ୍ୟାକୁମାରୀ ପର୍ଯ୍ୟନ୍ତ ଏବଂ ପଶ୍ଚିମରେ ଗୁଜୁରାଟର

କଚ୍ଛଠାରୁ ପୂର୍ବରେ ଅରୁଣାଚଳ ପ୍ରଦେଶ ପର୍ଯ୍ୟନ୍ତ । ଏଣୁ ଆମେ ଯେତେବେଳେ ମୋଟାମୋଟି ଭାବରେ ଆମ ଦେଶ ସମ୍ବନ୍ଧରେ ଭାବିବା ସେତେବେଳେ ସାଂସ୍କୃତିକ ବହୁଳବାଦକୁ ଭଲ ଭାବରେ ବୁଝିପାରିବା ।

ଆମେ ବିଭିନ୍ନ ଭାଷାରେ କଥାବାର୍ତ୍ତା କରିଥାଉ ଓ ବିଭିନ୍ନ ପୋଷାକ ପରିଧାନ କରିଥାଉ । ଏଠାରେ ଅନେକ ଧର୍ମର ଲୋକ ବସବାସ କରିଥାନ୍ତି । ଏଣୁ ଅନେକ ବିଭିନ୍ନତା ସତ୍ତ୍ୱେ ଆମ ଦେଶ ଏକ । ଆମେ ଅନେକ ସାଧାରଣ ଧର୍ମପୀଠ ପରିଦର୍ଶନ କରିଥାଉ କିନ୍ତୁ ଗୋଟିଏ ସାଧାରଣ ପରମ୍ପରାକୁ ସମ୍ମାନ ଦେଖେଇଥାଉ । ଏଣୁ ଗୋଟିଏ ଅକ୍ଷୁର୍ଣ୍ଣ ସାଂସ୍କୃତିକ ସମୂହ ମଧ୍ୟରେ ଆମେ ଏକ ବହୁବିଧ ସାଂସ୍କୃତିକ ପରିସ୍ଥିତି ଦେଖିବାକୁ ପାଇଥାଉଁ । ଏହାକୁ ପଣ୍ଡିତ୍ ଜବାହରଲାଲ ନେହରୁ ତାଙ୍କ ଲିଖିତ ପୁସ୍ତକ "ଡିସ୍କଭରୀ ଅଫ୍ ଇଣ୍ଡିଆ" (Discovery of India)ରେ ବିଭିନ୍ନତା ମଧ୍ୟରେ ଏକତା (Unity in Diversity) ବୋଲି କହିଛନ୍ତି । ଭାରତର ପ୍ରାଚୀନ ପରମ୍ପରା କିମ୍ବା ବର୍ତ୍ତମାନର ପରିସ୍ଥିତି ଗୋଟିଏ ସ୍ୱଦେଶ ପ୍ରୀତିକୁ ଜନ୍ମଦିଏ ଯାହାକି ଗୋଟିଏ ସାଧାରଣ ଜାତୀୟ ସଂସ୍କୃତିକୁ ସମୃଦ୍ଧ କରିଥାଏ । କିନ୍ତୁ ଅନେକ ସମୁଦାୟ ସେମାନଙ୍କ ସ୍ୱାଧୀନତା ବଜାୟ









ରଖିବା ସଙ୍ଗେସଙ୍ଗେ ନିଜସ୍ୱ ସାଂସ୍କୃତିକ ଓ ଧାର୍ମିୟ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି । ଆଜି ପର୍ଯ୍ୟନ୍ତ ସେଗୁଡିକ ଦେଶର କଲ୍ୟାଣ ପାଇଁ ଏବଂ ଏକତା ପାଇଁ ହାନିକାରକ ହୋଇନାହାନ୍ତି । ଏହାକୁ ସାଂସ୍କୃତିକ ବହୁଳତା ବା ବିବିଧତା କୁହାଯାଏ ।

ବିଭିନ୍ନ ରାଜ୍ୟର ସ୍ତ୍ରୀ ଓ ପୁରୁଷଙ୍କ ନିଜ ନିଜର ପାରମ୍ପରିକ ବେଶଭୂଷା ସହ ଫଟୋଚିତ୍ର

## ପାଠଗତ ପ୍ରଶ୍ନ ୩୪.୧

ଶୂନ୍ୟସ୍ଥାନ ପୂରଣ କର ।

(କ) ବିବିଧତାର ଅର୍ଥ ................. ।

(ଖ) ସାଂସ୍କୃତିକ ବିବିଧତାର ଏକ ସୁନ୍ଦର ଉଦାହରଣ ହେଲା ................ ।

(ଗ) ପଣ୍ଡିତ ଜବାହରଲାଲ ନେହରୁ ତାଙ୍କ ଲିଖିତ ପୁସ୍ତକ Discovery of Indiaରେ ସାଂସ୍କୃତିକ ବହୁଳତାକୁ .................. ବୋଲି କହିଛନ୍ତି ।

(ଘ) ଆମ ଦେଶ ଭାରତରେ ......................... ଟି ରାଜ୍ୟ ଓ .......................ଟି କେନ୍ଦ୍ର ଶାସିତ ଅଞ୍ଚଳ ଅଛି ।

## ୩୪.୨ ସଂସ୍କୃତି ସମ୍ବନ୍ଧବାଦ ବା ଆପେକ୍ଷିକତା (Cultural Relativism)

ଲୋକମାନେ ସାଧାରଣତଃ ନିଜସ୍ୱ ଜୀବନ ଚଳଣି ପଦ୍ଧତିକୁ ଅନ୍ୟମାନଙ୍କ ଠାରୁ ଭଲ ବୋଲି କହିଥାନ୍ତି । ଯେତେବେଳେ କୌଣସି ଏକ ବୈଜ୍ଞାନିକ ପ୍ରଣାଳୀରେ ଏଥି ସମ୍ବନ୍ଧରେ ଅଧ୍ୟୟନ ହୁଏ, ସେତେବେଳେ ଭଲ ଭାବରେ ବୁଝିବା ପାଇଁ ତୁଳନା କରାଯାଏ କାରଣ ଅନେକ ଗବେଷକ ମଣିଷ ଜୀବନକୁ ବିଭିନ୍ନ ପ୍ରକାରରେ ବର୍ଣ୍ଣନା କରିଛନ୍ତି । କିନ୍ତୁ ସଂସ୍କୃତିକୁ ମୂଲ୍ୟାଙ୍କନ କଲାବେଳେ, ଏହା ଉଚ୍ଚତର କିମ୍ବା ନିମ୍ନତର ହୋଇଥାଏ । ବେଳେବେଳେ ଏହା ଦ୍ୱନ୍ଦ୍ୱ ଆଡକୁ ମଧ୍ୟ ଆଗେଇ ନିଏ । ସେଥିପାଇଁ ଗୋଟିଏ ସଂଜ୍ଞାକୁ ନେଇ କେବେହେଲେ ପରିସମାପ୍ତି ଘଟାଯାଇନଥାଏ । ଯେତେବେଳେ ଆମେ କୌଣସି ସଂସ୍କୃତିକୁ ଅଧ୍ୟୟନ କରୁ; କିମ୍ବା ଅନ୍ୟ ସଂସ୍କୃତି ସାଙ୍ଗେ ତୁଳନା କରୁ । ଆମେ ସେତେବେଳେ ସେହି ସଂସ୍କୃତିର ପ୍ରକାର୍ଯ୍ୟଗୁଡିକୁ ମୂଲ୍ୟାଙ୍କନ କରିଥାଉ ଏବଂ ଗୋଷ୍ଠୀ ମଧ୍ୟରେ ତାହା କିଭଳି ଭାବରେ କାର୍ଯ୍ୟ କରିଥାଏ ଦେଖିଥାଉଁ । ଏହାକୁ ବାଦ୍‌ଦେଇ ସମାଜ ତିଷ୍ଠିପାରିବ ନାହିଁ। ଏଣୁ ସଂସ୍କୃତି ସମ୍ବନ୍ଧବାଦକୁ ଅଧ୍ୟୟନ କରିବା ପୂର୍ବରୁ Ethnocentrism ବା ନିଜ ସଂସ୍କୃତିକୁ ଅଧିକ ଭଲ ପାଇବା ସମ୍ବନ୍ଧରେ ଜାଣିନେବା ଉଚିତ ।

ମଣିଷ ଦଳବଦ୍ଧ ଭାବେ ବାସ କରେ । ପ୍ରତ୍ୟେକ ଗୋଷ୍ଠୀର ନିଜସ୍ୱ ଜୀବନ ଚଳଣୀ ପ୍ରଣାଳୀ ଅଛି ଯାହାକୁ ଆମେ ସଂସ୍କୃତି କହିଥାଉ । ଗୋଟିଏ ଗୋଷ୍ଠୀର ସଦସ୍ୟମାନେ ଗୋଟିଏ



ପ୍ରକାର ବିଶ୍ୱାସ ମୂଲ୍ୟବୋଧ, ଲୋକରୀତି, ଲୋକନୀତି ଉପରେ ବିଶ୍ୱାସ ରଖିଥାନ୍ତି । ତେଣୁ ପ୍ରତ୍ୟେକ ସଂସ୍କୃତି, ନିଜସ୍ୱ ଅଭିଜ୍ଞତା ଓ ପରିବଶେକୁ ନେଇ କାର୍ଯ୍ୟ କରିଥାଏ । ପ୍ରତ୍ୟେକ ବ୍ୟକ୍ତି ନିଜ ସଂସ୍କୃତିକୁ ଅନ୍ୟ ସଂସ୍କୃତି ଠାରୁ ଉଚ୍ଚରେ ରଖିଥାନ୍ତି ଏବଂ ଅନ୍ୟ ସଂସ୍କୃତିକୁ ନିଜ ସଂସ୍କୃତି ସହ ତୁଳନା କରିଥାନ୍ତି । ଅତଏବ, ଅନ୍ୟର ସଂସ୍କୃତିକୁ ନିଜ ସଂସ୍କୃତିର ମାନଦଣ୍ଡ ଦ୍ୱାରା ମୂଲ୍ୟାୟନ କରିବାର ପ୍ରବୃତ୍ତିକୁ "ସ୍ୱଜାତିକେନ୍ଦ୍ରିକତା (Ethnocentrism) ଅଥବା ନିଜ ସଂସ୍କୃତିକୁ ପ୍ରାଧାନ୍ୟ ଦେବା କୁହାଯାଏ । ନିଜ ସଂସ୍କୃତିକୁ ଭଲ ପାଇବା ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବା ସଚେତନ ବା ଅବଚେତନା ଅବସ୍ଥାରେ ଏକ ପ୍ରଣାଳୀ ଦ୍ୱାରା ଚିରସ୍ଥାୟୀ ହୋଇଥାଏ । ଏହା ଅନ୍ୟ ଲୋକଙ୍କ କାର୍ଯ୍ୟ କରିବାକୁ ପ୍ରକ୍ରିୟାକୁ ଅଦ୍ଭୁତ ଧରଣର ବା ନିମ୍ନତର ବୋଲି ଧରିନିଏ । ଉଦାହରଣ ସ୍ୱରୂପ- ସମ୍ପର୍କୀୟଭାଇ ଓ ଭଉଣୀ ମଧ୍ୟରେ ବିବାହ ନିଷେଧ ହେଉଛି ଏକ ସାଂସ୍କୃତିକ ନୀତି । ଏଣୁ ଏହି ସମ୍ପର୍କୀୟଭାଇ ଓ ଭଉଣୀ ମଧ୍ୟରେ ବିବାହ ସାର୍ବଜନିନ ହୋଇନଥାଏ । ଯେତେବେଳେ ଆମେ ବିଭିନ୍ନ ସଂସ୍କୃତିଗୁଡ଼ିକୁ ଅଧ୍ୟୟନ କରୁଛେ ଏବଂ ତୁଳନା କରୁଛେ ଆମେ ସବୁ ସଂସ୍କୃତିକୁ ସମାନ ଭାବରେ ଦେଖିବା ଉଚିତ ଓ କିଏ ବଡ଼ କିଏ ଛୋଟ ବା ଭଲ ମନ୍ଦ ବିଚାର କରିବା ଅନୁଚିତ । ସାଂସ୍କୃତିକ ସମ୍ବନ୍ଧବାଦ ଅନୁଯାୟୀ, ସବୁ ସଂସ୍କୃତିକୁ ସମାନ ଭାବରେ ବିଚାର କରିବା ଉଚିତ ଯଦିଓ ଗୋଟିଏ ସଂସ୍କୃତି ଅନ୍ୟ ସଂସ୍କୃତି ଠାରୁ ଭିନ୍ନ ଅଟେ । ପ୍ରତ୍ୟେକ ସଂସ୍କୃତିର ଇତିହାସ ସ୍ୱତନ୍ତ୍ର ବା ପୃଥକ (distinct) ଏବଂ ନିଜସ୍ୱ ଶୈଳୀରେ ଏହାର ବିକାଶ ଘଟିଥାଏ । ପୁନଶ୍ଚ ପ୍ରତ୍ୟେକ ସଂସ୍କୃତି ସମୟାନୁଯାୟୀ କେତେକ ଅଞ୍ଚଳରେ ଉଚ୍ଚନୀଚ ବିକାଶର ସ୍ତରରେ ଥାଏ । ଆମେ ସାଂସ୍କୃତିକ ବିଭିନ୍ନତାଗୁଡ଼ିକ ପାଇଁ ଅଧିକ ନିରପେକ୍ଷ ବା ବାସ୍ତବବାଦୀ ହେବା ସହିତ ଅନ୍ୟମାନଙ୍କ ପାଇଁ ସହିଷ୍ଣୁ ମନୋଭାବ ପୋଷଣ କରିବା ଉଚିତ୍ । ଏହି ମନୋଭାବ ବା ମାନସିକ ଅବସ୍ଥାକୁ ସାଂସ୍କୃତିକ ସମ୍ବନ୍ଧବାଦ କୁହାଯାଏ ।

ବହୁ ବିବାହ (Polygramy)

↓

↓ ↓

ବହୁ ପତ୍ନୀ ବିବାହ (polygyny) ବହୁ ପତି ବିବାହ (polyandry)

ଆମେ ସମସ୍ତେ ଜାଣିଛେ ଯେ ସମସ୍ତ ସାମାଜିକ ମୂଲ୍ୟବୋଧଗୁଡ଼ିକ ସମ୍ପର୍କପୂର୍ଣ୍ଣ ହୋଇଥାଏ ଏବଂ ସମ୍ପୂର୍ଣ୍ଣ ଭାବରେ ନୀତି ଓ ଆଦର୍ଶଗୁଡ଼ିକ ସବୁ ସାଂସ୍କୃତିକ କ୍ଷେତ୍ରମାନଙ୍କରେ ସ୍ୱୟଂସିଦ୍ଧ ସଂଗତ ହୋଇନଥାଏ । ଉଦାହରଣ- ମୁସଲମାନମାନେ ବହୁପତ୍ନୀ ପଦ୍ଧତିକୁ ନ୍ୟାୟ ସଙ୍ଗତ କରୁଥିବାବେଳେ ହିନ୍ଦୁମାନଙ୍କ କ୍ଷେତ୍ରରେ ଏହାକୁ ନୀତି ଦୃଷ୍ଟିରୁ ନିଷେଧ କରାଯାଇଥାଏ । ଉତ୍ତର-ପୂର୍ବ ଭାରତରେ ଖାସି ଜନଜାତି ମାତୃରୈଖୀୟ (Matrilined) ହୋଇଥିବାବେଳେ ନାଗା ଜନଜାତି ପିତୃ ରୈଖୀୟ (Patrilineal) । ଦକ୍ଷିଣ ଭାରତର ଅନେକ ସମୁଦାୟ ନିଜ ସମ୍ପର୍କୀୟ ସହିତ ବିବାହକୁ ପସନ୍ଦ

କରିଥାନ୍ତି କିନ୍ତୁ ପୂର୍ବ ଭାରତରେ ସମ୍ପର୍କୀୟା ଭଉଣୀ ସହିତ ନିଜ ଭଉଣୀକୁ ତୁଳନା କରାଯାଇଥାଏ । ମୁସଲମାନମାନେ ନିଜ ସମ୍ପର୍କୀୟଙ୍କ ସଙ୍ଗେ ବିବାହକୁ ପସନ୍ଦ କରିଥାନ୍ତି । ଏହି ପ୍ରକ୍ରିୟାଗୁଡ଼ିକ ମୂଲ୍ୟବୋଧ ଦୃଷ୍ଟିକୋଣରୁ ଗ୍ରହଣୀୟ ହୋଇଥାଏ । ଅନ୍ୟ ଅର୍ଥରେ ପୂର୍ବ ଭାରତୀୟମାନେ ସମ୍ପର୍କୀୟ ଭଉଣୀ ସଙ୍ଗେ ବିବାହକୁ ବାରଣ କରୁଥିବାବେଳେ ଦକ୍ଷିଣ ଭାରତରେ ଏହି ବ୍ୟବସ୍ଥାକୁ ଆଦର ସହ ଗ୍ରହଣ କରିଥାନ୍ତି । ତେଣୁ ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଥାର ଗୋଟିଏ ନିର୍ଦ୍ଦିଷ୍ଟ ସଂସ୍କୃତି ସହିତ ସମ୍ପର୍କ ଥାଏ । ଏହାକୁ ଆମେ ସାଂସ୍କୃତିକ ସମ୍ବନ୍ଧବାଦ (cultural Reletivism) କହିଥାଉ ।

ନୃତତ୍ତ୍ୱବିଜ୍ଞାନ ଅନୁଯାୟୀ Δ ଚିହ୍ନ ପୁରୁଷମାନଙ୍କ ପାଇଁ ହୋଇଥିବା ସ୍ଥଳେ ୦ ଚିହ୍ନଟ ସ୍ତ୍ରୀମାନଙ୍କୁ ଚିହ୍ନଟ କରିଥାଏ ।




Chart of Cross- Cousins)

ଏଠାରେ A ହେଉଛି Bର ସ୍ୱାମୀ

C ହେଉଛି Dର ସ୍ୱାମୀ

B ହେଉଛି Cର ଭଉଣୀ

E ଏବଂ F ହେଉଛନ୍ତି A ଓ Bର ସନ୍ତାନ

G ଏବଂ H ହେଉଛନ୍ତି C ଓ Dର ସନ୍ତାନ

ଏଣୁ E ଏବଂ F ହେଉଛନ୍ତି G ଏବଂ Hର ସମ୍ପର୍କୀୟ

ଏହି ସାଂସ୍କୃତିକ ସମ୍ବନ୍ଧବାଦ ଏକ ସୁନ୍ଦର ଫଳପ୍ରଦ ବିଷୟ । ଏଥିରୁ ଆମେ ଗୋଟିଏ ଅଞ୍ଚଳର ମୂଲ୍ୟବୋଧ ଓ ନୈତିକତା ସମ୍ବନ୍ଧରେ ଜାଣିଥାଉ । ଆମେ ଅନ୍ୟ ସଂସ୍କୃତିର କେତେକ ଗୁଣ ଅପେକ୍ଷା ଆମର ନୈତିକ ବ୍ୟବହାରକୁ ଅଧିକ ସୁରକ୍ଷା ଦେଇଥାଉ, କାରଣ ପିଲାବେଳୁ ଏହିଗୁଡ଼ିକ ଆମେ ସାଙ୍ଗେ ଜଡ଼ିତ । ଆମର ମୂଲ୍ୟବୋଧ ଓ ନୈତିକତାଗୁଡ଼ିକ ସାଂସ୍କୃତିକ ଏବଂ

ପ୍ରାକୃତିକ ପରିବେଶକୁ ନେଇ ଗଠିତ ଯେଉଁଠାରୁ ଆମେ ବିକଶିତ ହୋଇ ଆସିଛେ । ତେଣୁ ଏହାଠାରୁ ଆମେ ଅଲଗା ହୋଇପାରିବା ନାହିଁ । ଏଣୁ ସାଂସ୍କୃତିକ ସମ୍ବନ୍ଧବାଦ ପରିପ୍ରେକ୍ଷୀରେ ବିଧି ସଙ୍ଗତ ଜିନିଷ ସଂସ୍କୃତିର ସମସ୍ତ ଦିଗକୁ ବୁଝାଏ ଓ ମୂଲ୍ୟାଙ୍କନଗୁଡିକ ସାଂସ୍କୃତିକ ପୃଷ୍ଠପଟ୍ଟ ସହିତ ଜଡିତ ହୋଇଥାଏ ।

### ପାଠଗତ ପ୍ରଶ୍ନ ୩୪.୨

ଗୋଟିଏ ବାକ୍ୟରେ ଉତ୍ତର ଦିଅ

ତୁମେ କ'ଣ ବୁଝ ?

(କ) ନିଜ ସଂସ୍କୃତିକୁ ଅଧିକ ଭଲ ପାଇବା (Ethnocentrism)

..........................................................................................

(ଖ) ଏକପତ୍ନୀ ବା ଏକପତି ବିବାହ (Monogamy)

..........................................................................................

(ଗ) ରକ୍ତ ସମ୍ପର୍କିତ ଭାଇ-ଭଉଣୀବିବାହ (Cross-Cousin Marriage)

..........................................................................................

## ୩୪.୩ ସାଂସ୍କୃତିକ ବିଳମ୍ବନ (Cultural Lag)

ଭୌତିକ ସଂସ୍କୃତିର ପରିବର୍ତ୍ତନ ଖୁବ୍ ଦ୍ରୁତ ବେଗରେ ହୋଇଥାଏ । ମାତ୍ର ଅଭୌତିକ ସଂସ୍କୃତିର ପରିବର୍ତ୍ତନ ଧିର ବା ମନ୍ଥର ଗତିରେ ହୋଇଥାଏ । ଗୋଟିଏ ପଟେ ପରିବର୍ତ୍ତନ ଅତି ଶୀଘ୍ର ହେବା ବେଳକୁ ଅନ୍ୟ ପଟେ ଏହି ପରିବର୍ତ୍ତନ ବିଳମ୍ବରେ ହୋଇଥାଏ । ଏଣୁ ସାଂସ୍କୃତିକ ବିଳମ୍ବନ ଗୋଟିଏ ଅବସ୍ଥାକୁ ବୁଝାଇଥାଏ । ଯେତେବେଳେ ଭୌତିକ ସଂସ୍କୃତି ଓ ଅଭୌତିକ ସଂସ୍କୃତି ମଧ୍ୟରେ ବ୍ୟବଧାନ ଦେଖାଯାଏ ତାହାକୁ ସାଂସ୍କୃତିକ ବିଳମ୍ବନ କୁହାଯାଏ । ସମାଜରେ ପରିବର୍ତ୍ତନର କାର୍ଯ୍ୟଶୈଳୀକୁ ନେଇ ଆଦର୍ଶ, ମୂଲ୍ୟବୋଧ, ଲୋକନୀତି, ବିଶ୍ୱାସ ଇତ୍ୟାଦି ସାମାଜିକ ଜୀବନକୁ ନିୟନ୍ତ୍ରଣ କରିବା ପାଇଁ ସୃଷ୍ଟି ହୋଇଥାଏ । ଉଦାହରଣ- ରୀତିନୀତିଗୁଡିକରେ ନିୟନ୍ତ୍ରଣ କରିବା ପାଇଁ କୌଣସି ଗ୍ରହଣଯୋଗ୍ୟ ଆନ୍ତର୍ଜାତିକ ବ୍ୟବସ୍ଥା ନଥାଇ ଅନେକ ଦେଶ ପରମାଣୁ ଅସ୍ତ୍ରଶସ୍ତ୍ରର ବିକାଶ ପାଇଁ ଲାଗି ପଡିଛନ୍ତି । ଏଥିପାଇଁ ପ୍ରଯୁକ୍ତିବିଦ୍ୟାର ଏକ ପରିବର୍ତ୍ତନ ବ୍ୟବହାର ପାଇଁ ଏ ପର୍ଯ୍ୟନ୍ତ ହୋଇନାହିଁ । ସେଥିପାଇଁ କୁହାଯାଇପାରେ ଯେ ମୂଲ୍ୟବୋଧର ପରିବର୍ତ୍ତନକୁ ପଛରେ ପକାଇ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରର ପରିବର୍ତ୍ତନ ଦ୍ରୁତତର ହୋଇଛି । ଜଣେ ବ୍ୟକ୍ତି ଅନ୍ୟ ବ୍ୟକ୍ତି

ସହିତ ସମ୍ପର୍କ ଗଢ଼ିଥାଏ ଯେହେତୁ ପ୍ରତ୍ୟେକେ ଜଣେ ଜଣେ ଗୋଟିଏ ଗୋଟିଏ ସାଂସ୍କୃତିକ ଗୋଷ୍ଠୀର ସଦସ୍ୟ ସାଂସ୍କୃତିକ ବିଳମ୍ବନର ଆଉ ଏକ ଉଦାହରଣ ହେଲା ସାମାଜିକ କ୍ଷେତ୍ରରେ ଏ ପର୍ଯ୍ୟନ୍ତ ଚିକିତ୍ସା ପ୍ରଯୁକ୍ତିବିଦ୍ୟାର ପ୍ରସାରିତ ଯଥାର୍ଥ ହୋଇପାରିନାହିଁ ।

## ପାଠଗତ ପ୍ରଶ୍ନ ୩୪.୩

ସଠିକ୍ ଉତ୍ତର ପାଇଁ T ଓ ଭୁଲ ଉତ୍ତର ପାଇଁ F ଲେଖ

(କ) ଯେତେବେଳେ ମୂଲ୍ୟବୋଧ ସାମାଜିକ ପରିବର୍ତ୍ତନ ସାଙ୍ଗେ ସମାନ ଭାବେ ପାଦ ମିଳାଇ ପାରିନଥାଏ, ତାହାକୁ ସାଂସ୍କୃତିକ ବିଳମ୍ବନ କୁହାଯାଏ ।

(ଖ) ପରମାଣୁ ଅସ୍ତ୍ରଶସ୍ତ୍ର ଗୁଡ଼ିକର ବ୍ୟବହାରକୁ ନିୟନ୍ତ୍ରଣ କରିବାକୁ କେତେକ ଗ୍ରହଣୀୟ ଆନ୍ତର୍ଜାତିକ ନୀତି ରହିଥାଏ ।

## ତୁମେ କ'ଣ ଶିକ୍ଷା କଲ

- ସାଂସ୍କୃତିକ ବହୁଳତା ହେଉଛି ଏକ ବ୍ୟବସ୍ଥା ଯେଉଁଠି ଅନେକ ସାଂସ୍କୃତିକ ଦଳ ଏକ ସଙ୍ଗେ ରହିଥାଏ ଏବଂ ସେମାନଙ୍କର ନିଜସ୍ୱ ସ୍ୱାଧୀନତାକୁ ନ ହରାଇ ପରସ୍ପର ସହ ମିଶିଥାଏ ଓ ସେଗୁଡ଼ିକ ଜାତୀୟ ସଂହତି ଓ ଦେଶର ସାଧାରଣ ବିକାଶ ପାଇଁ ହାନିକାରକ ନୁହନ୍ତି ବୋଲି ଜଣାଯାଇଥାଏ ।
- ଆମେ ନିଜ ସଂସ୍କୃତିକୁ ଅଧିକ ଭଲ ପାଇବା ସମ୍ବନ୍ଧରେ ଜାଣିଲୁ ଯାହାକି ଅନ୍ୟ ଲୋକଙ୍କର କାର୍ଯ୍ୟ କରିବା ପ୍ରଣାଳୀ ଠାରୁ ଭିନ୍ନ ।
- ସାଂସ୍କୃତିକ ସମ୍ବନ୍ଧବାଦ ହେଉଛି; ଏକ ବ୍ୟବସ୍ଥା ଯେଉଁଠି ସମସ୍ତ ସଂସ୍କୃତିକୁ ସମାନ ଭାବେ ଚିନ୍ତା କରାଯାଏ ଓ ପ୍ରତ୍ୟେକେ ସଂସ୍କୃତି ଯଦିଓ ଭିନ୍ନ ହୋଇଥାଏ ଏବଂ ସେଗୁଡ଼ିକ ଅନ୍ୟାନ୍ୟ ସଂସ୍କୃତିଗୁଡ଼ିକ ସହିତ ତୁଳନା କରାଯାଇନପାରେ ।
- ଏହି ଅଧ୍ୟାୟରେ ଆମେ ଏହା ମଧ୍ୟ ପଢ଼ିଲେ ଯେ ସାଂସ୍କୃତିକ ବିଳମ୍ବନ କିଭଳି ସମାଜରେ ବିଭିନ୍ନ ପରିବର୍ତ୍ତନ ସହିତ ଆସିଥାଏ ।
- ତେଣୁ ଆମେ କହିପାରିବା ଯେ ଭାରତ, ବିଭିନ୍ନତା ମଧ୍ୟରେ ଏକତାର ଏକ ସ୍ୱଚ୍ଛ ଛବି ଦେଇଥାଏ ଯାହାକି ଗୋଟିଏ ବହୁ ବିବିଧତାର ସମାଜ ଅଟେ ।
- ପ୍ରତ୍ୟେକ ସମାଜରେ କେତେକ ସାଂସ୍କୃତିକ ବିଳମ୍ବନ ଦେଖାଦେଇଥାଏ । ଏହାର କାରଣ ସମାଜ ପରିବର୍ତ୍ତନଶୀଳ ଏବଂ ଆମେ ଗୋଟିଏ ସଂସ୍କୃତି ସଂଗେ ଅନ୍ୟ ଏକ ସଂସ୍କୃତିକୁ



ତୁଳନା କରିପାରିବା ନାହିଁ କିମ୍ବା ଉତ୍କୃଷ୍ଟ ବା ନିକୃଷ୍ଟ କହିପାରିବା ନାହିଁ । କାରଣ ପ୍ରତ୍ୟେକ ସଂସ୍କୃତି ହେଉଛି ଅନନ୍ୟ ବା ଅସାଧାରଣ ଏବଂ ପ୍ରତ୍ୟେକ ସଂସ୍କୃତିର ନିଜସ୍ୱ ଇତିହାସ ଅଛି ।

- ଅନ୍ୟ ଅର୍ଥରେ ସଂସ୍କୃତି ହେଉଛି ଗତିଶୀଳ ବା ଶକ୍ତିଶାଳୀ ଏବଂ ଅନେକ ସମ୍ଭବନାପୂର୍ଣ୍ଣ ପସନ୍ଦ (choice) ପ୍ରଦାନ କରିଥାଏ ।

## ପାଠ୍ୟାନ୍ତ ପ୍ରଶ୍ନ

୧. ସାଂସ୍କୃତିକ ବହୁଳତା କହିଲେ କ'ଣ ବୁଝ ? ଉଦାହରଣ ସହ ଲେଖ ।

୨. ନିଜସ୍ୱ ସଂସ୍କୃତିକୁ ଅଧିକ ଭଲ ପାଇବା (Ethnocentrism) କାହାକୁ କୁହାଯାଏ ଏବଂ ଏହା ସାଂସ୍କୃତିକ ସମ୍ବନ୍ଧବାଦ ଠାରୁ କିପରି ଭିନ୍ନ ? ଉଦାହରଣ ଦେଇ ଲେଖ ।

୩. ସାଂସ୍କୃତିକ ସମ୍ବନ୍ଧବାଦକୁ ନିଜ ଭାଷାରେ ଲେଖ ।

୪. ସାଂସ୍କୃତିକ ବିଳମ୍ବନକୁ ଉଦାହରଣ ଦେଇ ଲେଖ ।

## ପରିଭାଷା (Glossary)

ସମ୍ପର୍କୀୟ ସଦସ୍ୟ (Cross cousin) - ସମ୍ପର୍କୀୟ ସନ୍ତାନମାନଙ୍କର ପିତାମାତାମାନଙ୍କ ଭାଇ ବା ଭଉଣୀ ହୋଇଥାନ୍ତି ।

ସମାନ୍ତରାଳ ସମ୍ପର୍କୀୟ (Parallel cousin)- ସମାନ୍ତରାଳ ସମ୍ପର୍କୀୟ ସନ୍ତାନମାନଙ୍କର ପିତାମାତା ଭାଇ ଭାବେ କିମ୍ବା ଭଉଣୀ ଭାବରେ ସମ୍ପର୍କ ଥାଏ ।

ଏକକ ବିବାହ (Monogamy) - Mono ଅର୍ଥ ଏକ Gamous ଅର୍ଥ ବିବାହ । ଏଣୁ ଯେତେବେଳେ ଜଣେ ପୁରୁଷ ଜଣେ ସ୍ତ୍ରୀକୁ କିମ୍ବା ଜଣେ ସ୍ତ୍ରୀ ଜଣେ ପୁରୁଷକୁ ବିବାହ କରେ, ତାହାକୁ ଏକକ ବିବାହ ବା Monogamy କୁହାଯାଏ ।

ବହୁପତ୍ନୀ ବିବାହ କିମ୍ବା ବହୁ ପତି ବିବାହ (Polygamy)- Poly ଅର୍ଥ ଅଧିକ । ଏଣୁ ଯେତେବେଳେ ଜଣେ ପୁରୁଷ ଏକରୁ ଅଧିକ ସ୍ତ୍ରୀଙ୍କୁ ବିବାହ କରେ ଏହାକୁ ବହୁପତ୍ନୀ ବିବାହ

(Polygyny) କୁହାଯାଏ କିମ୍ବା ଜଣେ ସ୍ତ୍ରୀ ଏକରୁ ଅଧିକ ପୁରୁଷଙ୍କୁ ବିବାହ କରେ ଏହାକୁ ବହୁପତି ବିବାହ (Polyandry) କୁହାଯାଏ । ତେଣୁ ଏକ ସାଙ୍ଗରେ ଏହି ବ୍ୟବସ୍ଥାକୁ Polygamy କୁହାଯାଏ ।

ପିତୃରୈଖୀୟ (patrilineal) - Patri ଅର୍ଥ ପିତା ବା ବାପା । ଯେତେବେଳେ ପରିବାର ବା ବଂଶର ରେଖା (line) ପିତୃରୈଖୀୟ ହୁଏ ଅର୍ଥାତ୍ ବାପାଠୁ ପୁଅ ଏବଂ ତା'ପରେ ତା ପୁଅ ପର୍ଯ୍ୟନ୍ତ ବିସ୍ତାରିତ । ଏହାକୁ ପିତୃରୈଖୀୟ ପରିବାର କୁହାଯାଏ ।

ମାତୃରୈଖୀୟ (Matrilineal) - Matri ଅର୍ଥ ମାଆ । ଯେତେବେଳେ ବଂଶର ବା ପରିବାର ରେଖା (line) ମାତୃରୈଖୀୟ ହୁଏ ଅର୍ଥାତ୍ ମାଆଠୁ ଝିଅ ଏବଂ ତା'ପରେ ତା' ଝିଅ ହୁଏ । ଏହାକୁ ମାତୃରୈଖୀୟ ପରିବାର କୁହାଯାଏ ।

ଅବିକଳ ବା ଅନୁରୂପ (cloning) - ଜଣେ ବ୍ୟକ୍ତି ବିଶେଷଙ୍କୁ ଅବିକଳ ବା ଅନୁରୂପ ଭାବେ ସୃଷ୍ଟି କରିବା ।

## ପାଠଗତ ପ୍ରଶ୍ନଗୁଡିକର ଉତ୍ତର

୩୪.୧

(କ) ବହୁତ

(ଖ) ଭାରତ

(ଗ) ବିଭିନ୍ନତା ମଧ୍ୟରେ ଏକତା

(ଘ) ୨୮ଟି ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳ

୩୪.୨

(କ) Ethnocentrism ହେଉଛି ଏକ ପ୍ରକାର ପ୍ରବୃତ୍ତି ଯାହାକି ଅନ୍ୟ ସଂସ୍କୃତିଗୁଡିକୁ ନିଜସ୍ୱ



ସଂସ୍କୃତି ଆଧାରରେ ବିଚାର କରାଯାଇଥାଏ ।

(ଖ) ସାଂସ୍କୃତିକ ସମ୍ବନ୍ଧବାଦ ହେଉଛି ଏକ ନୀତିଗତ ବ୍ୟବସ୍ଥା ଯେଉଁଠି ସମସ୍ତ ସଂସ୍କୃତିଗୁଡ଼ିକୁ ସମାନ ଭାବେ ବିଚାର କରାଯାଏ

(ଗ) ଏଠାରେ cross cousin ଓ Parallel Cousinର ଉଦାହରଣ ଦିଆଯାଇପାରେ ।

୩୪.୩ (କ) T ଠିକ୍

(ଖ) F ଭୁଲ



# ୩୫
# ସଂସ୍କୃତି ଉପରେ ଗଣମାଧ୍ୟମର ପ୍ରଭାବ
# (Impact of Media on Culture)

ଆମର ଦୂରରେ ରହୁଥିବା ସମ୍ପର୍କୀୟ ବା ବନ୍ଧୁମାନଙ୍କ ପାଖକୁ ଯିବା ପାଇଁ ସବୁବେଳେ ସମ୍ଭବପର ହୋଇନଥାଏ । ଏଣୁ ଆମେ ସେମାନଙ୍କ ପାଖକୁ ଖବର ପଠାଇଥାଉ । ଯୋଗାଯୋଗର ବିଭିନ୍ନ ମାଧ୍ୟମ ଯଥା- ଚିଠି, ଟେଲିଗ୍ରାମ ଏବଂ ଟେଲିଫୋନଗୁଡିକ ଲିଖିତ ହିସାବରେ ବା କଥାବାର୍ତ୍ତା ହିସାବରେ ଦୂରରେ ରହୁଥିବା ଲୋକମାନଙ୍କୁ ଖବର ପଠାଇବାର ସାହାଯ୍ୟ କରିଥାଏ ।

ଆମେ ସମସ୍ତେ ଟେଲିଭିଜନ ଦେଖିଥାଉ । ଖବରକାଗଜ ଓ ମାଗାଜିନ୍ ପଢିଥାଉ ଏବଂ ସିନେମା ଦେଖିବାକୁ ମଧ୍ୟ ପାଇଥାଉ । ଏଗୁଡିକ ହେଉଛି ଆମମାନଙ୍କ ପାଇଁ ଅନ୍ୟ ପ୍ରକାରର ଯୋଗାଯୋଗର ମଧ୍ୟମ । ଖାଦ୍ୟ ଓ ବାସଗୃହକୁ ଛାଡି ଦେଲାପରେ ମଣିଷର ଆଉ ଏକ ମୌଳିକ ଆବଶ୍ୟକତା ରହିଛି ତାହା ହେଲା ଯୋଗାଯୋଗ । ବର୍ତ୍ତମାନର ଆଧୁନିକ ସଭ୍ୟତା ପାଇଁ ଯୋଗାଯୋଗ ହେଉଛି ଏକ ମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହାକି ପ୍ରତ୍ୟେକ ସମାଜ ପାଇଁ ନିହାତି ଆବଶ୍ୟକ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟରେ ତୁମେ ଜାଣିବାକୁ ପାଇବ

- ଗଣମାଧ୍ୟମର ସଂଜ୍ଞା;
- ଗଣମାଧ୍ୟମର ବିଭିନ୍ନ ପ୍ରକାର ଭେଦ;
- ସଂସ୍କୃତିକୁ ବିସ୍ତୃତ ଭାବେ ବୁଝିବା ପାଇଁ ଗଣମାଧ୍ୟମର ଭୂମିକା;
- ଭାରତୀୟ ସମାଜ ଓ ସଂସ୍କୃତି ଉପରେ ଗଣମାଧ୍ୟମ ଭାବେ ଟେଲିଭିଜନର ପ୍ରଭାବ ।

## ୩୫.୧ ଗଣମାଧ୍ୟମର ଅର୍ଥ ଓ ସଂଜ୍ଞା

ସମ୍ବାଦ, ଭାବ, ଉଦ୍ଦେଶ୍ୟ ଏବଂ ହାବଭାବ (attitude)ଗୁଡିକୁ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବା ଜଣେ ଲୋକଠାରୁ ଅନ୍ୟମାନଙ୍କ ପାଖକୁ ପଠେଇବାର କଳାକୁ ଯୋଗାଯୋଗ କୁହାଯାଏ । ଆମେ ସମସ୍ତେ, ଜଣଙ୍କଠୁ ଆଉ ଜଣଙ୍କ ପାଖକୁ ବିଭିନ୍ନ ମାଧ୍ୟମରେ ଖବର ପ୍ରେରଣ କରିଥାଉ ଯଥା- ଶବ୍ଦ ଦ୍ୱାରା, ଦୃଶ୍ୟ, ଘ୍ରାଣଶକ୍ତି (smell), ସ୍ପର୍ଶ (Touch), ସ୍ୱାଦ (Taste) ବା



ଚାଖିବା ଇତ୍ୟାଦି । ଯେତେବେଳେ ଆମେ ହସିଥାଉ ସେତେବେଳେ ବନ୍ଧୁତାର ଏକ ଇଚ୍ଛାକୁ ପ୍ରେରଣ କରିଥାଉ । ଅର୍ଥାତ ଆମେ ଶୁଭ ସକାଳ (Good Morning) କହିଥାଉ ଯାହାକି ଶତ୍ରୁତା ବା ବୈରତାରୁ (Hostility) ଉର୍ଦ୍ଧ୍ୱରେ ରହି ଆନନ୍ଦର ଭାବକୁ ସୁଚାଇଥାଏ । ଏଣୁ ଆମେ ଯେଉଁ ଶବ୍ଦଗୁଡ଼ିକୁ ବାଛିଥାଉ ଏବଂ ବ୍ୟବହାର କରୁ ସେଗୁଡିକ ଅନ୍ୟମାନଙ୍କୁ ଭଲ ଭାବେ ବୁଝିବା ପାଇଁ ଏକ ମାଧ୍ୟମ ଭାବେ ଯୋଗାଯୋଗ କରିଥାଏ ।

ଜଣେ ବ୍ୟକ୍ତିବିଶେଷଙ୍କ ଠାରୁ ଅନ୍ୟ ଜଣଙ୍କୁ ଯୋଗାଯୋଗ କରିବାରେ ବର୍ତ୍ତମାନର ଆଧୁନିକ ସମାଜ ଏକ ଜଟିଳ ପରିସ୍ଥିତି ଦେଇ ଗତି କରିଥାଏ । ଆମର ମୁଖ୍ୟ ସମ୍ବାଦଗୁଡିକ ଏକ ସମୟରେ ବହୁତ ଲୋକଙ୍କ ପାଖକୁ ପହଞ୍ଚିଥାଏ । ଉଦାହରଣ, ଜଣେ ଘରଣୀ ରାଗିଯାଇ ବିଜୁଳି କାଟ ସମ୍ବନ୍ଧରେ ଅଧାଡଜନ ପଡୋଶୀମାନଙ୍କ ସଙ୍ଗେ ବାସନ୍ଦ ପାଇଁ କଥା ହେବା ବା ଯୋଗାଯୋଗ କରିବା । କିନ୍ତୁ ଯେତେବେଳେ ଗୋଟିଏ ସ୍ଥାନୀୟ ଖବରକାଗଜର ସମ୍ପାଦକ ସେ ସ୍ତ୍ରୀଟି ଲେଖିଥିବା ଚିଠିଟିକୁ ଖବରକାଗଜ ମାଧ୍ୟମରେ ପରିପ୍ରକାଶ କରେ ଖୁବ୍ ଅଳ୍ପ ସମୟ ମଧ୍ୟରେ ଶହ ଶହ ମହିଳା ସେ ସ୍ତ୍ରୀଟିର ଭାବ ବା ଉଦ୍ଦେଶ୍ୟ ସମ୍ବନ୍ଧରେ ଜାଣିବାକୁ ପାଇବେ । ଏଠାରେ ଆମେ ଏକ ଉଦାହରଣ ଦେବା । ଜଣେ ରାଜନୈତିକ ନେତା କୌଣସି ଏକ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଉଦ୍ଦେଶ୍ୟରେ ବ୍ୟକ୍ତିଗତ ଭାବେ ଲୋକଙ୍କୁ ଭେଟୁଥିଲେ ଏବଂ ଭୋଟ ଦେଇ ଜିତେଇବା ପାଇଁ ଅନୁରୋଧ କରୁଥିଲେ । ବର୍ତ୍ତମାନ ସେ ଟେଲିଭିଜନ ଓ ରେଡିଓକୁ ବ୍ୟବହାର କରୁଛନ୍ତି ବା ଖବରକାକଗଜ ଜରିଆରେ ହଜାର ହଜାର ଭୋଟରଙ୍କୁ ଖବର ଦେଇପାରୁଛନ୍ତି । ଏହି ଗଣମାଧ୍ୟମ ଅର୍ଥାତ୍ ସମ୍ବାଦ ପ୍ରେରଣ, ଭାବର ଆଦାନପ୍ରଦାନକୁ ବିଭିନ୍ନ ଲୋକଙ୍କ ପାଖକୁ ଖବର ପହଞ୍ଚାଇବାରେ ଏହା ବିଶେଷ ସହାୟକ ହୋଇପାରିଛି ।

ସମ୍ବାଦ/ବାର୍ତ୍ତା

| Noise ଶବ୍ଦ ଧ୍ୱନି ବା | ମନୋନୀତ ମାଧ୍ୟମ ହାର | Noise ଶବ୍ଦ ଧ୍ୱନି |
|---|---|---|


(selected channel)

ଯୋଗାଯୋଗର ପଦ୍ଧତି = ସମ୍ବାଦ ପ୍ରଦାନକାରୀ Communicater (C) ଖବର ନିର୍ଦ୍ଧାରିତ ରାସ୍ତାରେ ପହଞ୍ଚିବାର ପଦ୍ଧତି ଦ୍ୱାରା (Channel) ଶ୍ରୋତାମାନଙ୍କ ପାଖକୁ ପଠାଇଥାଏ ।

ବର୍ତ୍ତମାନ ଆମେ ଗଣମାଧ୍ୟମର ସଂଜ୍ଞା କ'ଣ ଜାଣିନେବା । ଗଗଣମାଧ୍ୟମର ଅର୍ଥ ହେଲା ଯନ୍ତ୍ର କୌଶଳ ସାହାଯ୍ୟରେ ବିଭିନ୍ନ ଖବର, ବିଚାର ବା ମତାମତ ଇତ୍ୟାଦି ଯୋଗାଯୋଗ ମାଧ୍ୟମରେ ଜନସାଧାରଣଙ୍କ ପାଖକୁ ପହଞ୍ଚାଇବା । ଗୋଟିଏ ଅର୍ଥରେ କହିଲେ, ଶବ୍ଦ ଏବଂ ଛବି ହେଉଛି ଏକ ମାଧ୍ୟମ ଯାହାଦ୍ୱାରା ନିଜର ଚିନ୍ତାଧାରା ଓ ଭାବନାକୁ ଅନ୍ୟମାନଙ୍କୁ ଜଣାଇ ଦିଆଯାଇଥାଏ । କିନ୍ତୁ ଗଣମାଧ୍ୟମଗୁଡିକ ଏଥିପାଇଁ ସଂକୁଚିତ କରାଯାଇନପାରେ । ଉଦାହରଣ- ଟଙ୍କା ହେଉଛି ଏକ

ମାଧ୍ୟମ ଯାହାକି କ୍ରେତା ଏବଂ ବିକ୍ରେତା ମଧ୍ୟରେ ଦେଖାଯାଇଥାଏ । ମୂର୍ତ୍ତି ଖୋଦନକାରୀ ବା ଭାସ୍କର୍ଯ୍ୟ ପାଇଁ ପଥର ହେଉଛି ଏକ ମାଧ୍ୟମ । ଠିକ୍ ସେହିପରି ଯୋଗାଯୋଗର ମାଧ୍ୟମ ହେଉଛି; ଚିନ୍ତାଧାରା ବା ଭାବନାକୁ ଗୋଟିଏ ସ୍ଥାନରୁ ଆଉ ଏକ ସ୍ଥାନକୁ ସ୍ଥାନାନ୍ତର କରିବା । ତେଣୁ ଆମେ ଏତିକି କହିପାରିବା ଯେ ଯୋଗାଯୋଗ ହେଉଛି ଏକ ମାଧ୍ୟମ ବା କଳା ଯାହାଦ୍ୱାରା ସମ୍ବାଦ, ଭାବନା, ବିଚାର ଚିନ୍ତା, ଆବେଗଗୁଡ଼ିକୁ ଲେଖା ବିନା ପରିପ୍ରକାଶ କରିହୁଏ କିମ୍ବା ଲେଖାଯୁକ୍ତ ମାଧ୍ୟମ ଯଥା- ଶବ୍ଦ, ଚିତ୍ର, ସଂଖ୍ୟା (Figure), ରେଖାଚିତ୍ର (graph), ଆକାର ଇଙ୍ଗିତ ଦ୍ୱାରା (Gesture), କଥା କହିବା ଇତ୍ୟାଦି ଦ୍ୱାରା ପରିପ୍ରକାଶ କରାଯାଇଥାଏ ।

(ଗଣ ଯୋଗାଯୋଗର ଏକ ଉଦାହରଣ ଚିତ୍ର ଆକାରରେ ଦିଆଗଲା)




S (Source) ର ଖବରକୁ ଯୋଗାଯୋଗକାରୀ (C) ପଠେଇଲା ଯାହାକି Editor (E) ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏଠାରେ କେତେକ ଶ୍ରୋତା ପ୍ରତ୍ୟକ୍ଷ ଭାବରେ ଏବଂ ଆଉ କେତେକ ପରୋକ୍ଷ ଭାବରେ ଖବର ପାଇଲେ । କିନ୍ତୁ କେତେକ ଏଥିପ୍ରତି ଅନିଚ୍ଛୁକ ଥିଲେ ।

## ପାଠଗତ ପ୍ରଶ୍ନ ୩୫.୧

ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକର ଗୋଟିଏ ବାକ୍ୟରେ ଉତ୍ତର ଦିଅ

(କ) ଗଣ ଯୋଗାଯୋଗ (Mass Communication)

(ଖ) ବ୍ୟକ୍ତି ବିଶେଷ ମଧ୍ୟରେ ଭିତିରିଆ ଯୋଗାଯୋଗ (intra personal communication)

(ଗ) ଲୋକଙ୍କର ମୁହାଁମୁହିଁ ସମ୍ପର୍କରେ ଯୋଗାଯୋଗ (Inter-personal Communication)

(ଘ) ଗଣମାଧ୍ୟମ (Mass Media)



## ୩୫.୨ ମାଧ୍ୟମର ପ୍ରକାର ଭେଦ (Forms of Media)

ଅନେକ ପ୍ରକାର ଉପାୟରେ ଖବର ଶ୍ରୋତାମାନଙ୍କ ପାଖକୁ ପହଞ୍ଚିଥାଏ । ଗଣମାଧ୍ୟମର ବିଭିନ୍ନ ପ୍ରକାର ଭେଦଗୁଡିକ ନିମ୍ନରେ ଆଲୋଚନା କରାଗଲା ।

କ. ଅତୀତରେ ଖବରକାଗଜ, ମାଗାଜିନ୍, ପୁସ୍ତକ, ପ୍ରଚାରପତ୍ର ଏବଂ ସିଧାସଳଖ ଚିଠି ମାଧ୍ୟମରେ ଖବର ଦିଆଯାଉଥିଲା। ଏଗୁଡିକୁ ଛାପା ମାଧ୍ୟମ (Print Media) କୁହାଯାଉଥିଲା । ଖବରକାଗଜଗୁଡିକ ସମୁଦାୟ ଉପରେ କିମ୍ବା ଦେଶ ଉପରେ କିମ୍ବା ସାରା ପୃଥିବୀ ଉପରେ କେନ୍ଦ୍ରୀଭୂତ ହୋଇଥାଏ । ମାଗାଜିନ୍‌ଗୁଡିକ ପୃଷ୍ଟପଟ ଖବର, ଆମୋଦ ପ୍ରମୋଦ, ମତାମତ ପ୍ରକାଶ କରିବା ଏବଂ ବିଜ୍ଞାପନ ଦେବା ଇତ୍ୟାଦି କାର୍ଯ୍ୟ କରିଥାନ୍ତି । ପୁସ୍ତକଗୁଡିକ ସୁଦୂରପ୍ରସାରୀ ବା ଦୀର୍ଘଦିନ ପର୍ଯ୍ୟନ୍ତ ତିଷ୍ଠି ରହିଥାଏ ଏବଂ ଏହା ବିଭିନ୍ନ ପରୀକ୍ଷାରେ ସାହାଯ୍ୟ କରିବା ସଙ୍ଗେ ଆମୋଦ ପ୍ରମୋଦ ବା ଆନନ୍ଦ ଦେଇଥାଏ । ପ୍ରଚାରପତ୍ର ବା ବିଜ୍ଞାପନଗୁଡିକ ବ୍ୟବସାୟିକ ଏବଂ ପୌରାଞ୍ଚଳ ସଂସ୍ଥାଗୁଡିକର ମତାମତ ଆଣିଥାନ୍ତି ।

ଖ. ରେଡିଓ ହେଉଛି ଏକ ଗଣ ଯୋଗାଯୋଗର ମାଧ୍ୟମ ଯାହାକି ଶବ୍ଦ ଉପରେ କେନ୍ଦ୍ରୀଭୂତ ହୋଇଥାଏ । ରେଡ଼ିଓ ଲୋକଙ୍କୁ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ବିଜ୍ଞାପନର ଖବର । ଲୋକଙ୍କ ମାତମତ ଓ ବିଭିନ୍ନ ଖବର ମଧ୍ୟ ପରିବେଷଣ କରିଥାଏ । ଏହାଛଡ଼ା ବିଭିନ୍ନ କାର୍ଯ୍ୟକ୍ରମ ଗୁଡ଼ିକୁ ଶ୍ରୋତାଙ୍କ ଘରେ ପହଞ୍ଚାଇଥାଏ ଯାହାକୁ ବୈଦ୍ୟୁତିକ ମାଧ୍ୟମ କୁହାଯାଏ । (Electronic Medium)

ଗ. ଟେଲିଭିଜନ୍ ଏବଂ ଚଳନଶକ୍ତି ସମ୍ପନ୍ନ ଚିତ୍ର ଗୁଡ଼ିକ (Motion Pictures) ଦୃଷ୍ଟି ଏବଂ ଶ୍ରବଣ ସଂକ୍ରାନ୍ତୀୟ ହୋଇଥାଏ । (Visual and auditory) ଟେଲିଭିଜନ କାର୍ଯ୍ୟକ୍ରମ ଗୁଡ଼ିକ ଶିକ୍ଷଣୀୟ ଓ ତଥ୍ୟପୂର୍ଣ୍ଣ ହେବା ସଙ୍ଗେ ଆନନ୍ଦ ଦାୟକ ଏବଂ ବିଜ୍ଞାପନପୂର୍ଣ୍ଣ ହୋଇଥାଏ । ସିନେମା ଗୁଡ଼ିକ ମଧ୍ୟ ଖୁସି ଦେବା ସଙ୍ଗେ ସଙ୍ଗେ ଅନେକ ଖବର ଦେଇଥାନ୍ତି । ଯାହାକୁ ବୈଦ୍ୟୁତିକ ମାଧ୍ୟମ କୁହାଯାଏ । ଗଣମାଧ୍ୟମରେ ଆଉ କେତେକ ମୂଖ୍ୟ ଯୋଗାଯୋଗ ପ୍ରତିନିଧି ଦେଖାଯାଇଥାନ୍ତି ସେଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଗଲା ।

୧. ସମ୍ବାଦପତ୍ର ସଂଗଠନଗୁଡ଼ିକ ଖବର ସଂଗ୍ରହ କରି ତାକୁ ଖବର କାଗଜ ଟେଲିଭିଜନ୍, ରେଡ଼ିଓ ଷ୍ଟେସନ୍ ଓ ମେଗାଜିନ୍ ଗୁଡ଼ିକୁ ବାଣ୍ଟି ଥାଆନ୍ତି ।

୨. ଏହି ପ୍ରତିନିଧିସଭା (Syndicate) ପଛପଟ ଖବର, ଚିତ୍ର, ଖବର ପରିବେଷଣ (Commentary) ଆମୋଦ ପ୍ରମୋଦ ଖବର ଗୁଡ଼ିକୁ ବିଭିନ୍ନ ଖବର କାଗଜ, ଟେଲିଭିଜନ୍, ରେଡ଼ିଓ ଏବଂ ମେଗାଜିନ୍ ଗୁଡ଼ିକୁ ଦେଇଥାଏ ।

୩. ବିଜ୍ଞାପନ ପ୍ରଚାର ପ୍ରତିନିଧିଗୁଡ଼ିକ ସେମାନଙ୍କର ବ୍ୟବସାୟ ସମ୍ପର୍କିତ ଖବର ପରିବେଷଣ କରିଥାନ୍ତି ।

୪. ବିଭିନ୍ନ କମ୍ପାନୀ ଏବଂ ଅନୁଷ୍ଠାନଗୁଡ଼ିକ ବଣିକ ଭୂମିକା (Merchanding roles) ଗ୍ରହଣ କରିଥିବା ବେଳେ ସାର୍ବଜନୀନ ବିଭାଗ ଗୁଡ଼ିକ ଭାବମୂର୍ତ୍ତି ତିଆରି ପାଇଁ (Image Building) ଖବର ଦେଇଥାନ୍ତି ।

୫. ସାର୍ବଜନୀନ ଉପଦେଷ୍ଟା ସଂସ୍ଥା ଏବଂ ପ୍ରଚାର ଅନୁଷ୍ଠାନ (Publicity organisations) ଗୁଡ଼ିକ ସେମାନଙ୍କ ମହକିଲ ବା ଗ୍ରାହକ (client) ମାନଙ୍କରେ ସପକ୍ଷରେ ଖବର ଦେଇଥାନ୍ତି ।

୬. ଗବେଷକ ଏବଂ ଗବେଷଣା ସଂସ୍ଥା ଗୁଡ଼ିକ ଗଣମାଧ୍ୟମକୁ ଆହୁରି କାର୍ଯ୍ୟକ୍ଷମ ବା ଫଳପ୍ରଦ କରିବା ଉଦ୍ଦେଶ୍ୟରେ ପରାମର୍ଶ ଦେଇଥାନ୍ତି ।

କେବଳ ଆମୋଦ ପ୍ରମୋଦ ଗଣମାଧ୍ୟମର ମୂଳ ଲକ୍ଷ୍ୟ ନୁହେଁ । ଖବର ପରିବେଷଣ କରିବା, ସର୍ବସାଧାରଣଙ୍କ ମତାମତ ନେବା ହେଉଛି ଗଣମାଧ୍ୟମର ମୁଖ୍ୟ ପ୍ରକାର୍ଯ୍ୟ । ଖବର ପ୍ରଦାନ କାର୍ଯ୍ୟ, ମତାମତ ଏବଂ ଆମାଦ ପ୍ରମୋଦ ଗୁଡ଼ିକ ଗଣ ମାଧ୍ୟମ ସଙ୍ଗେ ପୁରାପୁରି ଭାବରେ ଜଡ଼ିତ ଏବଂ ମାଧ୍ୟମ ଗୁଡ଼ିକ ପରସ୍ପର ମଧ୍ୟରେ ନିର୍ଭର କରିଥାନ୍ତି ।

## ୩୫.୩ ଗଣମାଧ୍ୟମର ସଂସ୍କୃତି ଉପରେ ପ୍ରଭାବ

ଜାତି, ଧର୍ମ ସମ୍ପ୍ରଦାୟ, ବୟସ ଓ ଲିଙ୍ଗ ନିର୍ବିଶେଷରେ ପ୍ରାୟ ସମସ୍ତଙ୍କ ପାଖକୁ ଗଣମାଧ୍ୟମ ପହଞ୍ଚିପାରିଛି । ପୁନଶ୍ଚ, ଦୁଇଟି ବିଖ୍ୟାତ ନୃତ୍ୟ ଯଥା - ଭାରତ ନାଟ୍ୟମ ଏବଂ ଓଡ଼ିଶୀ ନିଜର ମୂଳସ୍ଥାନ ଛାଡ଼ି ପ୍ରାୟ ସବୁ ଜାଗାରେ ପହଞ୍ଚି ପାରିଛି । ଏହା ପ୍ରଥମରେ କେବଳ ରେଡ଼ିଓ ଏବଂ ପରେ ସିନେମା ଓ ଟେଲିଭିଜନ୍ ଯୋଗୁଁ ହୋଇପାରିଛି । ହିନ୍ଦୀ ଚଳଚ୍ଚିତ୍ର ବା ସିନେମାର ପ୍ରଭାବ ଯୋଗୁଁ ହିନ୍ଦୀ ଭାଷାର ପ୍ରଚାର ଓ ପ୍ରସାର ଦେଶର ସବୁ ସ୍ଥାନକୁ ବ୍ୟାପିଅଛି ଏବଂ ବିଶେଷତଃ ଏହି ଚଳଚିତ୍ର ଗୁଡ଼ିକର ବିଭିନ୍ନ ଗୀତ "ବିବିଧ ଭାରତୀ" ଏବଂ "ବିନାକା" କାର୍ଯ୍ୟକ୍ରମ ଗୁଡ଼ିକ ମାଧ୍ୟମରେ ରେଡ଼ିଓରେ ପ୍ରସାରିତ ହୋଇଛି । ଟେଲିଭିଜନ୍ ସବୁ ଶ୍ରେଣୀ ଲୋକଙ୍କୁ ଗଭୀର ଭାବରେ ପ୍ରଭାବ ପକାଇଛି । ବର୍ତ୍ତମାନ ଆମେ ଆମର ଦୈନନ୍ଦିନ ଜୀବନରେ ମାତୃଭାଷାର ଶବ୍ଦଗୁଡ଼ିକ ପରିବର୍ତ୍ତେ ଟେଲିଭିଜନ୍‌ରେ ପ୍ରସାରିତ ଶବ୍ଦଗୁଡ଼ିକୁ ବ୍ୟବହାର କରୁଛୁ । ଯଥା - "ବ୍ରେକ୍ କେ ବାଦ୍" ବା "କିଛି ସମୟ ପରେ" (After the break) । ଆମ ପିଲାମାନେ ମଧ୍ୟ ଟେଲିଭିଜନ୍‌ରେ କାମ କରୁଥିବା ପିଲାମାନଙ୍କ ପରି ବ୍ୟବହାର ଦେଖାଉଛନ୍ତି । ଏଗୁଡ଼ିକ ସବୁ ସାଂସ୍କୃତିକ ପରିବ୍ୟାପ୍ତିର ଉଦାହରଣ ଯାହାକି ଗଣ ମାଧ୍ୟମଗୁଡ଼ିକର ପ୍ରଭାବ ଯୋଗୁଁ ଦେଖାଯାଇଥାଏ ।



## ୩୫.୩ ପାଠ୍ୟଗତ ପ୍ରଶ୍ନ

ଗୋଟିଏ ବାକ୍ୟରେ ଉତ୍ତର ଦିଅ ।

(କ) ପରିବ୍ୟାପ୍ତ ବା ବସ୍ତାର (Diffusion) କାହାକୁ କୁହାଯାଏ ?

(ଖ) ସଂସ୍କୃତିର ଦୁଇଟି ବସ୍ତୁ ସମ୍ବନ୍ଧରେ ସଂକ୍ଷେପରେ ଲେଖ ।

(ଗ) ତୁମେ ଟେଲିଭିଜନ୍ ବିଜ୍ଞାପନରେ ଦେଖୁଥିବା ଦୁଇଟି ମୃଦୁ ପାନୀୟ ସମ୍ବନ୍ଧରେ ବିବରଣୀ ଦିଅ ।

(ଘ) ଚଳଚିତ୍ର ଏବଂ ଟେଲିଭିଜନ୍ ମାଧ୍ୟମରେ ପ୍ରସାରିତ ଧାର୍ମିକ ପ୍ରତିଷ୍ଠିତ ପଦ୍ଧତିର (Religions Practice) ପ୍ରସାର ବିଷୟରେ ଦର୍ଶାଅ ।

## ୩୫.୪ ଟେଲିଭିଜନ୍‌ର ପ୍ରଭାବ (Impact of Television)

ଟେଲିଭିଜନ୍‌ର ପ୍ରଭାବ ବର୍ତ୍ତମାନ ସମାଜରେ ଏକ ଶିକ୍ଷାପ୍ରଣାଳୀ ଭାବେ ଆଦୃତ । କେତେକ ଲୋକ ସେମାନଙ୍କ ନିଜ ଭାଷା ଛାଡ଼ି ଅନ୍ୟ ଭାଷା ମାଧ୍ୟମରେ ଯୋଗାଯୋଗ କରିଥାନ୍ତି । ଆଜିକାଲି ସମାଜରେ ଶିକ୍ଷାକୁ ଏବଂ ସାଂସ୍କୃତିକ ଭାବ ଭଙ୍ଗୀର ଯୋଗାଯୋଗକୁ ଅଧିକ କ୍ରିୟାଶୀଳ କରିବାରେ ଟେଲିଭିଜନ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଅବଶ୍ୟ ଟେଲିଭିଜନ୍‌ର ପ୍ରଭାବ ସବୁ ସମୟରେ ସକାରାତ୍ମକ ହୋଇ ନଥାଏ । ବର୍ତ୍ତମାନ ଆମେ ଏହାର ପ୍ରଭାବର ବିଭିନ୍ନ ପ୍ରକାରଭେଦଗୁଡ଼ିକୁ ଆଲୋଚନା କରିବା ଯାହାକି ଆମ ଦୈନନ୍ଦିନ ଜୀବନରେ ପ୍ରଭାବ ପକାଇପାରିଛି ।

ଆମମାନଙ୍କ ମଧ୍ୟରୁ ଅଧିକାଂଶ ସକାଳେ ଉଠିବାପରେ ଚା ପିଇଥାନ୍ତି । ଯଦି ଆମେ ପଛକୁ ଦେଖୁ ଯେ ଆମେ ଏହି ଅଭ୍ୟାସକୁ କେମିତି ଆପଣାର କଲେ; ତାହେଲେ ଆମେ ପ୍ରାଚୀନ ଚୀନ୍ ଦେଶକୁ ମନେ ପକାଇବା । ଅବଶ୍ୟ, ଏହିଅଭ୍ୟାସଟି ଏବେ ପୃଥିବୀର ସବୁ ଅଞ୍ଚଳକୁ ବ୍ୟାପିଅଛି ଯାହାକି ଟେଲିଭିଜନ୍‌ର ବ୍ୟବସାୟିକ ପ୍ରସାରଣରେ ଦେଖିବାକୁ ମିଳିଥାଏ ।

### ସକାରାତ୍ମକ ପ୍ରଭାବ/ଅସ୍ତିବାଚକ ପ୍ରଭାବ (Positive Impact)

ଟେଲିଭିଜନ କାର୍ଯ୍ୟକ୍ରମଗୁଡ଼ିକ ଆଜିକାଲି ଅଧିକ ତଥ୍ୟପୂର୍ଣ୍ଣ ଓ ଶିକ୍ଷାଭିମୁଖୀ ହୋଇଥାଏ । ଯଥା - ୟୁନିଭରିସିଟି ଗ୍ରାଣ୍ଟ କମିଶନର କାର୍ଯ୍ୟକ୍ରମ, କ୍ୱିଜ୍ କାର୍ଯ୍ୟକ୍ରମ ଏବଂ ଦଳଗତ ଆଲୋଚନା । ତେଣୁ ଆମେ ଏତିକି କହି ପାରିବା ଯେ ଏହା ତଥ୍ୟସଂଗ୍ରହ ପାଇଁ ଓ ଜ୍ଞାନ ଆହରଣ ପାଇଁ ଏକ ଉତ୍ତମ ମାଧ୍ୟମ । ଆଜିକାଲି ହିନ୍ଦୀ ହେଉଛି ଆମ ଦେଶର ଏକ ଘରୁଆ ଭାଷା । ପ୍ରତ୍ୟେକ ନିଜ ମାତୃଭାଷାକୁ ଛାଡ଼ି ହିନ୍ଦୀରେ କଥା ହେବାକୁ ଆରମ୍ଭ କରିଥାନ୍ତି ଯଦିଓ ସେମାନେ ବଙ୍ଗାଳୀ, ତେଲଗୁ କିମ୍ବା ଓଡ଼ିଆ । ଏହା କେବଳ ନିୟମିତ ଟେଲିଭିଜନ ଦେଖାରୁ ହିଁ ହୋଇଥାଏ । ଆମେ ଅନ୍ୟମାନଙ୍କ

ସାଙ୍ଗେ ଅବାଧରେ ମିଶିଥାଉଁ, ଆମର ମତ ଓ ଦୃଷ୍ଟିଭଙ୍ଗୀର ବିନିମୟ କରିଥାଉଁ । ତେଣୁ ଟେଲିଭିଜନ୍ ପରିବାର, ବନ୍ଧୁବାନ୍ଧବ ଓ ଅନ୍ୟମାନଙ୍କ ସାଙ୍ଗେ ବନ୍ଧୁତ୍ୱ ବଢ଼ାଇବାରେ ଅନେକ କ୍ଷେତ୍ରରେ ସାହାଯ୍ୟ କରିଥାଏ । ଏହା ପୃଥିବୀରେ ଘଟୁଥିବା ବିଭିନ୍ନ ଘଟଣାବଳୀକୁ ଜାଣିବାରେ ଆମକୁ ଖୁସି କରିଥାଏ । ଟେଲିଭିଜନ୍ ଜରିଆରେ ବିଭିନ୍ନ ସମୁଦାୟର ପୋଷାକପତ୍ର କିମ୍ବା ଦକ୍ଷିଣ ଭାରତର ଖାଦ୍ୟ ଉତ୍ତର ଭାରତରେ କିମ୍ବା ଗୋଟିଏ ଅଞ୍ଚଳର ଧାର୍ମିକ ରୀତିନୀତି ବିଧିବିଧାନ ଦେଶର ଅନ୍ୟ ପ୍ରାନ୍ତରେ ଦେଖିବାକୁ ମିଳିଥାଏ ।

ଟେଲିଭିଜନ୍ ସବୁ ଶ୍ରେଣୀର ଲୋକଙ୍କୁ ଆନନ୍ଦ ଦେବାରେ ହେଉଛି ଏକ ଉତ୍କୃଷ୍ଟ ମାଧ୍ୟମ । ଏହା ନିସଙ୍ଗ, ବୟସ୍କ ଏବଂ ଘରୁଣୀମାନଙ୍କର ସାଥୀ ହୋଇଥାଏ । ଏହା ଘରେ ରହୁଥିବା ସଦସ୍ୟମାନଙ୍କ ସଙ୍ଗେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପାଇଁ ଖୋରାକ ଯୋଗାଇଥାଏ । ଖଟିଖିଆ ଲୋକଙ୍କ ପାଇଁ ଏହା ଏକ ଚାପ ମୁକ୍ତ ମାଧ୍ୟମ ଯାହାକି ବିଭିନ୍ନ ସମସ୍ୟାଗୁଡ଼ିକରୁ ମନକୁ ବଦଳାଇବା ସଙ୍ଗେ ସଙ୍ଗେ ବେଳେ ବେଳେ ସମାଧାନର ବାଟ ଫିଟାଇଥାଏ । ବର୍ତ୍ତମାନ ଟେଲିଭିଜନ୍ ଭାରତୀୟ ପରିବାରକୁ ଓ ବିବାହ ବ୍ୟବସ୍ଥାକୁ ତଥା ସଂସ୍କୃତିକୁ ବହୁଳ ଭାବରେ ପ୍ରଭାବିତ କରିଅଛି । ଏହା କେତେକ ସ୍ଥାନରେ ଅଂଶ ଗ୍ରହଣ କରିବା ସଙ୍ଗେ ସଙ୍ଗେ ସହିଷ୍ଣୁତା ଶିଖାଇଥାଏ ଯାହାକି ପରିବାର ଓ ବିବାହ ଅନୁଷ୍ଠାନଗୁଡ଼ିକୁ ଏହି ଧାରଣାକୁ ଦୃଢୀଭୂତ କରିଥାନ୍ତି । ଯୌଥପରିବାର ବ୍ୟବସ୍ଥା ଏହି ମୂଲ୍ୟବୋଧଗୁଡ଼ିକୁ ପାଳନ ଓ ପୋଷଣ (Nourish) କରିଥାନ୍ତି । ଟେଲିଭିଜନ୍‌ରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ଧାରାବାହିକ (Serials) ଗୁଡ଼ିକରୁ ଆଦର୍ଶ, ନୀତି, ମୂଲ୍ୟବୋଧ ଗୁଡ଼ିକୁ ଆମର ବ୍ୟବହାରରେ ଲଗେଇବା ସଙ୍ଗେ ସଙ୍ଗେ ତୁଳନା ମଧ୍ୟ କରିଥାଉଁ । ତେଣୁ ଟେଲିଭିଜନ୍ ହେଉଛି ଏକ ପ୍ରୟୋଜନ ସାମଗ୍ରୀ (Need) ଯାହା ମଣିଷକୁ ଆତ୍ମବିଶ୍ୱାସ (Self-confidence), ଦୃଢ଼ତା / ସ୍ଥିରତା (Stability) ଏବଂ ଆଶ୍ୱସ୍ତି (Reassurance) ଆଣି ଦେଇଥାଏ ।

## ନାସ୍ତିବାଚକ ଦିଗ (Negative aspects)

ଉପର ଲିଖିତ ଅନେକ ସାକାରତ୍ମକ ପ୍ରଭାବ ସତ୍ତ୍ୱେ ଟେଲିଭିଜନ୍‌ର କେତେକ ନାସ୍ତିବାଚକ ଦିଗ ମଧ୍ୟ ରହିଅଛି । ଟେଲିଭିଜନ୍‌ରେ ପ୍ରସାରିତ ହେଉଥିବା ନଗ୍ନ ଅଶ୍ଳିଳ ଚିତ୍ର, ଅପରାଧ ସମ୍ବନ୍ଧୀୟ ବିଷୟବସ୍ତୁ ଏବଂ ସମାଜର ଅସାମାଜିକ ବ୍ୟକ୍ତି ବିଶେଷଙ୍କର ଗୁରୁତ୍ୱ ଇତ୍ୟାଦି ସାଧାରଣତଃ ଯୁବ ପିଢ଼ି ଏବଂ ବିଶେଷତଃ ଛୋଟ ପିଲାମାନଙ୍କ ଉପରେ ଅତି ଖରାପ ପ୍ରଭାବ ପକାଇଥାଏ । ଟେଲିଭିଜନ୍‌ରେ ଦେଖାଯାଉଥିବା ବିଭିନ୍ନ ଚଳଚ୍ଚିତ୍ର, ଧାରାବାହିକ, ବିଜ୍ଞାପନ, ସାକ୍ଷାତକାରଗୁଡି ଅନେକ ସମୟରେ ଆଦର୍ଶ, ମୂଲ୍ୟବୋଧ, ସାଂସ୍କୃତିକ ବିଷୟବସ୍ତୁଗୁଡିକୁ ନିମ୍ନଗାମୀ କରିଥାଏ ଯାହାକୁ ନେଇ ଆମ ଜାତୀୟ ସଂହତି ସମୃଦ୍ଧ । କିନ୍ତୁ ବେଳେବେଳେ ଆମେ ଦେଖଣାହାରୀମାନେ ଏହି ଅଶ୍ଳୀଳତା, ଅପରାଧ, ଆତଙ୍କ ଭଳି (Militancy) ଅସୁନ୍ଦର ଜିନିଷ ଦେଖି ମଣିଷତ୍ୱ ହରାଇଥାଉ ।



ବେଳେବେଳେ ଛୋଟ ପିଲାମାନେ ଅନେକ ସମୟ ପର୍ଯ୍ୟନ୍ତ ଟେଲିଭିଜନ ଦେଖିଥାଆନ୍ତି । ତେଣୁ ଅନେକ ସମୟରେ ଏହା ସେମାନଙ୍କ ପାଠ ପ୍ରତି ଓ ସାମାଜିକ ମିଳାମିଶାରେ ପ୍ରତିକୂଳ ପ୍ରଭାବ ପକାଇଥାଏ ।

ବର୍ତ୍ତମାନ ଆମ ସମାଜରେ ଅପରାଧ ଏବଂ ହିଂସାର ହାର ଅନେକ ପରିମାଣରେ ବଢ଼ିଯାଇଛି । ଏହା କେତେକ ଟେଲିଭିଜନ କାର୍ଯ୍ୟକ୍ରମ ଯୋଗୁଁ ବଢ଼ିଛି । ଅତୀତରେ ଭାରତରେ ତିନିଗୋଟି ମେଟ୍ରୋପଲିଟାନ ସହରମାନଙ୍କରେ ଟେଲିଭିଜନ କାର୍ଯ୍ୟକ୍ରମର ପ୍ରଭାବକୁ ଅନୁଧ୍ୟାନ କରାଯାଇଥିଲା ଯାହାକି ନିମ୍ନରେ ଦିଆଗଲା ।

ମୋଟ ୩୫୦୦ ଛୋଟ ପିଲାଙ୍କ ମଧ୍ୟରୁ ଶତକଡ଼ା ୭୯ ଭାଗ ପିଲା କାର୍ଟୁନ୍ କାର୍ଯ୍ୟକ୍ରମକୁ ଶିକ୍ଷାଗତ କାର୍ଯ୍ୟକ୍ରମ ଠାରୁ ଅଧିକ ପସନ୍ଦ କରୁଥିବାବେଳେ ୧୧ ଭାଗ ପିଲା ଜାତୀୟ ଭୂଗୋଳ (National Geography)କୁ ଆଠ ଭାଗ ପିଲା ପାରିବାରିକ ଧାରାବାହିକକୁ ଏବଂ ଅବଶିଷ୍ଟ ଦୁଇ ଭାଗ ପିଲାଙ୍କର କୌଣସି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରତି ପସନ୍ଦ ନାହିଁ । ଅଧିକାଂଶ ପିଲା କାର୍ଟୁନ କାର୍ଯ୍ୟକ୍ରମକୁ ସେମାନଙ୍କ ପ୍ରିୟ ଚାନେଲ ଭାବେ ବାଛିଥାନ୍ତି । ତେଣୁ ବର୍ତ୍ତମାନ ଭାରତୀୟ ସଂସ୍କୃତି ସମ୍ବନ୍ଧରେ କାର୍ଟୁନ୍ ଚାନେଲ୍ ଜରିଆରେ ପ୍ରସାରିତ ହେବା ଉଚିତ । ମହାକାବ୍ୟ ଯଥା- ରାମାୟଣ, ମହାଭାରତ, ଭାଗବତ ଗୀତା ଏବଂ ପଞ୍ଚତନ୍ତ୍ରର କାହାଣୀଗୁଡ଼ିକ ମଧ୍ୟ କାର୍ଟୁନ୍ ଚାନେଲ ମାଧ୍ୟମରେ ପ୍ରସାରିତ ହେବା ଉଚିତ । ବିଶିଷ୍ଟ ଐତିହାସିକ ପୁରୁଷ ଯଥା-ଟିପୁ ସୁଲତାନ, ଶିବାଜୀ, ଭଗତ ସିଂହଙ୍କ କାହାଣୀଗୁଡ଼ିକ ମଧ୍ୟ ପିଲାଙ୍କ ପାଇଁ ଏହି ଆମୋଦ ପ୍ରମୋଦ ଚାନେଲ ମାଧ୍ୟମରେ ପ୍ରସାରିତ ହେବା ଉଚିତ। ଭାରତୀୟ ସମାଜରେ ଛୋଟ ପିଲାମାନଙ୍କର ସାମାଜିକୀକରଣ ପାଇଁ ଟେଲିଭିଜନକୁ ବର୍ତ୍ତମାନ ଏକ ମୁଖ୍ୟ ଅନୁଷ୍ଠାନ ରୂପେ ବିବେଚନା କରାଯାଏ । ଟିଭିର କାର୍ଯ୍ୟକ୍ରମଗୁଡ଼ିକ ସେମାନଙ୍କୁ ଠିକ୍ ରାସ୍ତାରେ ନେବା ଓ ଭାରତୀୟ ମୂଲ୍ୟବୋଧ ସାଙ୍ଗେ ଭାରତୀୟ ଚାଲିଚଳଣ, ରୀତିନୀତି ଉପରେ ଶିକ୍ଷାଦେବା ବାଞ୍ଛନୀୟ ।

## ପାଠଗତ ପ୍ରଶ୍ନ ୩୫.୪

ଠିକ୍ ଥିଲେ T ଓ ଭୁଲ ଥିଲେ F ଲେଖ

୧. ଟେଲିଭିଜନ କାର୍ଯ୍ୟକ୍ରମଗୁଡ଼ିକ ତଥ୍ୟପୂର୍ଣ୍ଣ ଓ ଶିକ୍ଷାଗତ ।

୨. ସାଧାରଣ ଆମୋଦ ପ୍ରମୋଦ ଟେଲିଭିଜନର ମୁଖ୍ୟ ଉଦ୍ଦେଶ୍ୟ ।

୩. ଟେଲିଭିଜନର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରଭାବ ଥାଏ ।

୪. ପୃଥିବୀରେ ଯାହା ସବୁ ଘଟଣା ଘଟୁଛି, ତାହାକୁ ଆମେ ଟେଲିଭିଜନ ମାଧ୍ୟମରେ ଜାଣିଥାଉ ।



## ତୁମେ କ'ଣ ଶିକ୍ଷା କଲ

- ଆଧୁନିକ ମଣିଷ ଖବର ପରିବେଷଣ ପାଇଁ ବହୁବିଧ ଯନ୍ତ୍ରରେ କାର୍ଯ୍ୟ ପ୍ରାଣାଳୀ ତିଆରି କରିଅଛି ।
- ଗଣଯୋଗାଯୋଗ ହେଉଛି ଏକ ମାଧ୍ୟମ ଯାହାଦ୍ୱାରା ସମ୍ବାଦ, ଆଦର୍ଶ, ନୀତି, ଭାବଭଙ୍ଗୀଗୁଡ଼ିକ ଏକ ସ୍ଥାନର ଅନ୍ୟ ସ୍ଥାନକୁ ପଠାଇ ଦିଆଯାଏ ।
- ଗଣମାଧ୍ୟମ ହେଉଛି ଗୋଟିଏ ପ୍ରଯୁକ୍ତିଗତ ପ୍ରଣାଳୀ ଯାହାଦ୍ୱାରା ସମ୍ବାଦ, ମତ, ଉଦ୍ଦେଶ୍ୟ, ମତାମତ ଇତ୍ୟାଦି ଜଣେ ଯୋଗାଣକାରୀଠାରୁ ଶ୍ରୋତାମାନଙ୍କ ପାଖକୁ ପଠାଯାଏ ।
- ମାଧ୍ୟମ କହିଲେ ଆମେ ଖବରକାଗଜ, ମାଗାଜିନ ଓ ପୁସ୍ତକକୁ (ଛାପା ମାଧ୍ୟମ) ଏବଂ ରେଡ଼ିଓ, ଟେଲିଭିଜନ (ଇଲେକ୍‌ଟ୍ରୋନିକ୍ ମାଧ୍ୟମ) ଭାବେ ବୁଝାଯାଏ ।
- ସଂସ୍କୃତି ପରିବ୍ୟାପ୍ତ କରିବାରେ ଗଣମାଧ୍ୟମ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ ।
- ଧାର୍ମିକ ଗୋଷ୍ଠୀର କାର୍ଯ୍ୟାବଳୀ, ବିଶ୍ୱାସ ଓ ମଣିଷଙ୍କ କାର୍ଯ୍ୟ ଓ ବ୍ୟବହାରଗୁଡ଼ିକ ଛାପାକଳ, ପୁସ୍ତକ, ରେଡ଼ିଓ ଓ ଟେଲିଭିଜନ କାର୍ଯ୍ୟକ୍ରମଗୁଡ଼ିକରେ ଆଲୋଚିତ ହୋଇଥାଏ ।
- ସମ୍ବାଦ ପରିବେଷଣ ପ୍ରଣାଳୀ ଓ ଅନ୍ୟାନ୍ୟ ସୂଚୀଗୁଡ଼ିକ ବହୁଳ ଭାବରେ ଭିନ୍ନ ହୋଇଥାଏ ।
- ଗଣମାଧ୍ୟମ ଜରିଆରେ ବିଭିନ୍ନ ସଂସ୍କୃତିକୁ ଏକାଠି କରାଯାଇପାରେ ।
- ଜାତୀୟ ଏବଂ ସ୍ଥାନୀୟ ଗଣମାଧ୍ୟମଗୁଡ଼ିକ ସାଂସ୍କୃତିକ ଏକତାରେ ବିକାଶ ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।
- ଟେଲିଭିଜନର ଉଭୟ ସକରାତ୍ମକ ଓ ନକରାତ୍ମକ ପ୍ରଭାବ ଥାଏ । କିନ୍ତୁ ସକରାତ୍ମକ ପ୍ରଭାବଗୁଡ଼ିକ ସବୁ ସମୟରେ ନକରାତ୍ମକ ପ୍ରଭାବ ଉପରେ ଭାରି ପଡିଥାନ୍ତି ।
- ବାସ୍ତବରେ ପ୍ରଭାବଗୁଡ଼ିକ ଭଲ କିମ୍ବା ମନ୍ଦ ହୋଇପାରେ, ଯାହା ଆମେ କ'ଣ ଦେଖୁ ଓ କାହିଁକି ଦେଖୁ ଉପରେ ନିର୍ଭର କରେ ।

## ପାଠ୍ୟାନ୍ତ ପ୍ରଶ୍ନ

୧. ଗଣମାଧ୍ୟମ କାହାକୁ କୁହାଯାଏ ? ଏହାର ବିଭିନ୍ନ ପ୍ରଣାଳୀଗୁଡ଼ିକୁ ବର୍ଣ୍ଣନା କର ।

୨. ସାଂସ୍କୃତିକ ପରିବ୍ୟାପ୍ତରେ ଗଣମାଧ୍ୟମର ଭୂମିକା ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ଦିଅ ।

୩. ଟେଲିଭିଜନର ଉଭୟ ସକରାତ୍ମକ ଓ ନକାରାତ୍ମକ ପ୍ରଭାବଗୁଡ଼ିକ ଉଲ୍ଲେଖ କର ।

୪. ସଂକ୍ଷିପ୍ତ ବିବରଣୀ ଦିଅ ।

(କ) ମୁଦ୍ରଣ ମାଧ୍ୟମ

(ଖ) ବୈଦ୍ୟୁତିକ ମାଧ୍ୟମ

**ପରିଭାଷା** (Glossary)

| | |
|---|---|
| ଅନୁବନ୍ଧ (Adjunct) | : ଯାହା ଅନ୍ୟ ସହିତ ଯୁକ୍ତ ଥାଏ । |
| ପୂର୍ବବର୍ତ୍ତୀ (Antecedent) | : ପୂର୍ବରୁ ବା ଆଗରୁ । |
| ଅଭିଯାନ (Campaign) | : ପାଇବା ଆଶାରେ । |
| ଭାସ୍କର୍ଯ୍ୟବିଦ୍ୟା ବା ଖୋଦନଶିଳ୍ପ (Sculpture) | : ପଥର କାରୁକାର୍ଯ୍ୟ କଳା |
| ପ୍ରଚାରପତ୍ର ବା ପୁସ୍ତିକା (Pamphlets) | : ଛୋଟ ପ୍ରଚାରପତ୍ର ବା ବନ୍ଧା ହୋଇନଥିବା ଛୋଟ ପୁସ୍ତକ |
| ପ୍ରବର୍ତ୍ତାଇବା (persuade) | : ବିଶ୍ୱାସ କରିବା ବା ବୁଝେଇବା |
| ପରିବ୍ୟାପ୍ତ (Diffusion) | : ବିସ୍ତାର କରିବା |
| ଅଶୋଧିତ ବା କଞ୍ଚା (Crude) | : ପ୍ରାକୃତିକ ଅବସ୍ଥାରେ |
| ବଣିଜ ବେପାର କରିବା (Merchandising) | : ବାଣିଜ୍ୟ ବେପାର |
| ଧୁମ୍‌ଧାମ୍ ବା କୋଳାହଳପୂର୍ଣ୍ଣ (Revelry) | : ଆନନ୍ଦ ଉଲ୍ଲାସ ଆମୋଦ ପ୍ରମୋଦ |

## ପାଠଗତ ପ୍ରଶ୍ନଗୁଡିକର ଉତ୍ତର

**୩୫.୧**

(କ) ଗଣଯୋଗାଯୋଗ ହେଉଛି ଏକ ମାଧ୍ୟମ ବା ଉପାୟ ଯାହା ଜରିଆରେ ଖବର ଆଦର୍ଶ ରୀତିନୀତି ଭାବଭଙ୍ଗୀଗୁଡିକୁ ବିଭିନ୍ନ ଶ୍ରୋତାଗଣ ପାଖକୁ ପଠାଯାଇଥାଏ ।

(ଖ) ଯଦି ଯୋଗାଯୋଗ ବ୍ୟକ୍ତିର ନିଜ ପାଇଁ ଉଦ୍ଦିଷ୍ଟ ତା'ହେଲେ ତାକୁ Intra-Personal Communication କୁହାଯାଏ ।

(ଗ) ଯେଉଁ ପଦ୍ଧତିରେ ଦୁଇ ବା ତତୋଧିକ ଲୋକଙ୍କର ମୁହାଁମୁହିଁ ସମ୍ପର୍କ ହୋଇଥାଏ ତାହାକୁ

inter-Personal Communication କୁହାଯାଏ ।

(ଘ) ଗଣମାଧ୍ୟମ ହେଉଛି ଗୋଟିଏ ପ୍ରଯୁକ୍ତିଗତ ପ୍ରଣାଳୀ, ଯାହାଦ୍ୱାରା ସମ୍ବାଦ, ବିଚାର, ମତାମତ ଇତ୍ୟାଦି ଜଣେ ପ୍ରେରଣକାରୀଙ୍କ ଠାରୁ ଶ୍ରୋତାମାନଙ୍କ ପାଖକୁ ପଠାଯାଇଥାଏ । ଏହା ଖବରକାଗଜ, ମାଗାଜିନ୍, ପୁସ୍ତକକୁ (ଛାପାମାଧ୍ୟମ) ଏବଂ ରେଡିଓ, ଟେଲିଭିଜନ (ଇଲେକ୍ଟ୍ରୋନିକ୍ ମାଧ୍ୟମ) ଭାବେ ବୁଝିଥାଉଁ ।

**୩୫.୨**

(କ) ରେଡିଓ = ଶ୍ରୋତା

(ଖ) ଖବରକାଗଜ = ମୁଦ୍ରିତ ମାଧ୍ୟମ (ଛାପା ମାଧ୍ୟମ)

(ଗ) ଚଳଚ୍ଚିତ୍ର (ସିନେମା)= ଆଖି କାନ ମାଧ୍ୟମ, ଦୃଶ୍ୟ

**୩୫.୩**

(କ) ପରିବ୍ୟାପ୍ତର ଅର୍ଥ ସାଂସ୍କୃତିକ ଉପାଦାନଗୁଡିକର ବିସ୍ତାର ଯାହାକି ଗୋଟିଏ ମୂଳ ସ୍ଥାନରୁ ଗୋଟିଏ ଅଞ୍ଚଳକୁ ଏବଂ ପଡୋଶୀ ଅଞ୍ଚଳ କିମ୍ବା ପଡୋଶୀ ସମାଜକୁ ବ୍ୟାପିଥାଏ ।

(ଖ) ଖାଦ୍ୟ, ପୋଷାକପତ୍ର

(ଗ) ପେପ୍ସୀ, କୋକାକୋଲା

(ଘ) ସନ୍ତୋଷୀ ମା

**୩୫.୪**

(କ) T ଠିକ୍ (ଖ) F ଠିକ୍ (ଗ) T ଠିକ୍ (ଘ) T ଠିକ୍